ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.88 Bhubaneswar Thursday May 11 2023 | ୨୬ତମ ବର୍ଷ ସଂଖ୍ୟା–୮୮ ଭୁବନେଶ୍ୱର, ଗୁରୁବାର, ମଇ ୧୧, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଏକଜିଟ୍ ପୋଲ: କର୍ଣ୍ଣାଟକାରେ କାହାକୁ ମିଳିବନି ସଂଖ୍ୟା ଗରିଷ୍ଠତା, କିନ୍ତୁ କଂଗ୍ରେସ ୬-୨ରେ ଆଗୁଆ

ନୂଆଦିଲ୍ଲୀ, ୧୦।୫(ପି.ଏନ): ସାଧାରଣ ନିର୍ବାଚ଼ନ ପୂର୍ବରୁ କାହାର ହେବ କର୍ଣ୍ଣାଟକା? ଆଜି ରାଜ୍ୟର ୨୨୪ ଆସନ ପାଇଁ ଭୋଟ ଗ୍ରହଣ ହେବା ପରେ ନେତାମାନଙ୍କ ଭାଗ୍ୟ ଇଭିଏମରେ ସିଲ୍? ହୋଇଯାଇଛି। ଆସନ୍ତା ୧୩ ତାରିଖରେ ଇଭିଏମ ଖୋଲିବା ସହ ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ ପାଇବ। ତେବେ ଏହାପୂର୍ବରୁ ବିଭିନ୍ନ ଗଣମାଧ୍ୟମ ଓ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍? ପୋଲ ରେଜଲ୍ଟ ସାମ୍ନାକୁ ଆସିଛି।ଏକଜିଟ୍? ପୋଲକୁ ବିଶ୍ୱାସକୁ ନେଲେ କର୍ଣ୍ଣାଟକାରେ କୌଣସି ରାଜନୀତିକ ଦଳକୁ ମିଳିବନି ସଂଖ୍ୟା ଗରିଷ୍ଠତା। ଅଧିକାଂଶ ସଂସ୍ଥା ବା ଗଣମାଧ୍ୟମ ଝୁଲା ବିଧାନସଭାର ଆକଳନ କରିଛନ୍ତି। ତେବେ ୮ଟି ଗଣମାଧ୍ୟମ ବା ସଂସ୍ଥା କରିଥିବା ଏକଜିଟ୍ ପୋଲ ରିପୋର୍ଟ ଅନୁସାରେ କଂଗ୍ରେସ ୬–୨ରେ ବିଜେପି ଠାରୁ ଆଗରେ ରହିଛି। ଏହାର ଅର୍ଥ ୫ଟି ସଂସ୍ଥା କଂଗ୍ରେସ କର୍ଣ୍ଣାଟକାରେ ବିଜେପି




ଠାରୁ ଅଧିକ ଆସନ ଜିତିବ ବୋଲି ଆକଳନ କରିଛନ୍ତି। ଏପରି ସ୍ଥିତିରେ ଜେଡିଏସ୍ କିଙ୍ଗ ମେକର ସାଜିବାର ଯଥେଷ୍ଟ ସମ୍ଭାବନା ରହିଛି। ୨୦୧୭ରେ ମଧ କଂଗ୍ରେସ ଓ ଜେଡିଏସ୍? ମିଳିତ ଭାବେ ସରକାର ଗଠନ କରିଥିଲେ। କିନ୍ତୁ ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ମେଣ୍ଟ ସରକାର ଭୁଶୁଡ଼ି ପଡିଥିଲା। ଏବେ ଜେଡିଏସ ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ଅଧିକାଂଶ ଗଣମାଧ୍ୟମକ ଝୁଲା ବିଧାନସଭାର ଆକଳନ କରିଥିଲେ ମଧ କ୍ଷମତାସୀନ ବିଜେପି ଠାରୁ କଂଗ୍ରେସ ଅଧିକ ଆସନ ପାଇବ ବୋଲି ପୂର୍ବାନୁମାନ କରିଛନ୍ତି।

## ଝାରସୁଗୁଡ଼ା ଉପନିର୍ବାଚନ : ଅପରାହ୍ନ ୫ଟା ସୁଦ୍ଧା ୬୮.୧୨ ପ୍ରତିଶତ ମତଦାନ

ଝାରସୁଗୁଡ଼ା/ଭୁବନେଶ୍ୱର, ୧୦।୫(ପି.ଏନ): ଶେଷ ହୋଇଛି ଝାରସୁରଗୁଡା ଉପନିର୍ବାଚନ। ସିଲ୍ ହୋଇଛି ୯ ଜଣ ପ୍ରାର୍ଥୀଙ୍କ ଭାଗ୍ୟ। ୧୩ ତାରିଖରେ ଭୋଟ୍ ଗଣତି ପରେ ଫଳାଫଳ ଜଣାପଡିବ। ବୁଧବାର ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇଥିବା ବେଳେ ଧାର୍ଯ୍ୟ ସମୟ ପରେ ମଧ୍ୟ କିଛି ବୁଥ୍ ରେ ମତଦାନ ଜାରି ରହିଥିଲା। ଅପରାହ୍ନ ୫ଟା ସୁଦ୍ଧା ଝାରସୁଗୁଡ଼ାରେ ୬୮.୧୨ ପ୍ରତିଶତ ମତଦାନ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ସୂଚନା ଦେଇଛନ୍ତି। ଝାରସୁଗୁଡାରେ ମତଦାନ ଚାଲିଥିବା ବେଳେ ସର୍ବାଧିକ ଉତପ୍ତ ସହର ମଧ୍ୟ ଝାରସୁଗୁଡା ହିଁ ରହିଥିଲା। ଝାରସୁଗୁଡାରେ ବୁଧବାର ୪୨.୯ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ପ୍ରବଳ ତାତି ସତ୍ତ୍ୱେ ମତଦାତା ମାନେ ଧାଡିରେ ଠିଆ ହୋଇ ମତଦାନ କରିଥିଲେ। ଝାରସୁଗୁଡାର ୨୫୩ ବୁଥ୍ ରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିବା ବେଳେ ସକାଳ ୧୧ ଟା ସୁଦ୍ଧା ୨୦.୩୮ ପ୍ରତିଶତ ଓ ଦିନ ୧ ଟା ସୁଦ୍ଧା ୪୧.୨୬ ପ୍ରତିଶତ ମତଦାନ ହୋଇଥିଲା। ସେହିପରି ଦିନ ୩ଟା ସୁଦ୍ଧା ୫୫.୨୦ ପ୍ରତିଶତ ମତଦାନ ହୋଇଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଥିଲେ ଯେ ଝାରସୁଗୁଡ଼ା ବିଧାନସଭା ଉପ ନିର୍ବାଚନରେ ସବୁ ବୁଥରେ ସକାଳ ୭ ଟାରେ ପୁଲିଙ୍ଗ ଆରମ୍ଭ ହୋଇଛି। ମକ ପୋଲ ସମ ରେ ୧୬ଟି ବୁଥରେ ଇଭିଏମରେ ତ୍ରୁଟି ଆସିଥିଲା। ୭ ଟା ରୁ ୯ଟା ଭିତରେ କୌଣସି ତ୍ରୁଟି ହୋଇନି। ୯ଟା ରୁ ୧୧ଟା ଭିତରେ ୬୨ ଓ ୧୨୮ନଂ ବୁଥ ରେ ଇଭିଏମ ତ୍ରୁଟି ହୋଇଥିଲା। ଦିନ ୧୧ଟା ସୁଦ୍ଧା ୨୦.୩୮ ପ୍ରତିଶତ ମତଦାନ ହୋଇଥବା ବେଳେ ୨୪୩୯୮ ଜଣ ପୁରୁଷ ଓ ୨୦୭୮୫ ଜଣ ମହିଳା ଭୋଟର ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ତାତିରୁ ରକ୍ଷା ପାଇବା ପାଇଁ ସମସ୍ତ ବୁଥରେ ପାନୀୟ ଜଳ ସହ ଜଳ ସିଞ୍ଚନ କରାଯାଉଛି।୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସର ପ୍ରାର୍ଥୀଙ୍କ ସମେତ ମୋଟ ୯ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବାବେଳେ ଏମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨ ଲକ୍ଷ ୨୧ ହଜାର ୭୧୯ ଜଣ ଭୋଟର। ବିଜେଡିରୁ ଦୀପାଳି ଦାସ, ବିଜେପିରୁ ଟଙ୍କଧର ତ୍ରିପାଠୀ ଓ କଂଗ୍ରେସରୁ ତରୁଣ ପାଣ୍ଡେଙ୍କ ମଧ୍ୟରେ ମୁଖ୍ୟତଃ ଲଢ଼େଇ ହେବ।

### ଓଡିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭୁବନେଶ୍ୱର, ୧୦।୫(ପି.ଏନ): ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦାନ କରିପାରନ୍ତି ପ୍ରଧାନମନ୍ତ୍ରୀ। ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦାନ କରି ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମରେ ସେ ଯୋଗ ଦେଇ ପାରନ୍ତି। ବିଜେପିର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏ ନେଇ ସୂଚନା ଦେଇଛନ୍ତି।

### ଦୁଇ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏଁ ଓ କିରାଣୀଙ୍କୁ ୨ ବର୍ଷ ଜେଲ୍

କେନ୍ଦୁଝର, ୧୦।୫(ପି.ଏନ): ସରକାରୀ ଅର୍ଥ ହଡପ କରିବା ଓ ଲାଞ୍ଚ ନେଇ ଧରାପଡିବା ମାମଲାରେ ଆଜି ଦୁଇ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏଁ ଓ ଜଣେ କିରାଣୀଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ କାମ କରୁଥିବା ୨ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ହୋଇଛି। ବିନା କାମରେ ବିଧାୟକ ପାଣ୍ଠିରୁ ଟଙ୍କା ହଡପ ମାମଲାରେ ଆଜି ଏହି ଦଣ୍ଡାଦେଶ ଦେଇଛନ୍ତି କେନ୍ଦୁଝର ଭିଜିଲାନ୍ସ କୋର୍ଟ। ଏହି ଦୁଇ ଯନ୍ତ୍ରୀ ହେଲେ ଶଙ୍କର୍ଷଣ ବେହେରା ଓ ଅଶୋକ କର। ୨୦୦୪-୦୫ରେ ଏହି ଟଙ୍କା ହଡପ ମାମଲା ହୋଇଥିଲା।

### ରାଷ୍ଟ୍ରପତିଙ୍କୁ ଭେଟିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୦।୫(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି।

## ନବୀନ ପଟ୍ଟନାୟକଙ୍କ ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସହ ଆଲୋଚନା ସୌଜନ୍ୟମୂଳକ ଥିଲା :ବିଜେଡି

ଭୁବନେଶ୍ୱର, ୧୦।୫(ପି.ଏନ): ଓଡିଶାକୁ ଯେଉଁ ନେତା ବା ଯେଉଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଆସନ୍ତି ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଦେଖା କରନ୍ତି। ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସହ ତାଙ୍କର ଆଲୋଚନା ସୌଜନ୍ୟମୂଳକ ଥିଲା। ନୀତିଶ -ନବୀନ ସାକ୍ଷାତ କୁ ନେଇ ବିଜେଡି ଉପ ସଭାପତି ପ୍ରସନ୍ନ ଆଚାର୍ଯ୍ୟ ଏହି ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ନବୀନ କେଵଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନୁହନ୍ତି ସେ ଭାରତବର୍ଷ ର ଉଚ୍ଚ ନେତୃତ୍ୱ। ତାଙ୍କ ପ୍ରତି ସବୁ ଦଳ ର ସବୁ ନେତା ଙ୍କ ସମ୍ମାନ ଅଛି। ନବୀନ ଜଣେ ପୁରୁଖା ରାଜନେତା କେନ୍ଦ୍ରମନ୍ତ୍ରୀ ମଣ୍ଡଳ ରେ ମନ୍ତ୍ରୀ ଥିଲେ। ଭାରତ ବର୍ଷ ର ସବୁ ନେତାଙ୍କ ସହ ତାଙ୍କର ପରିଚୟ ଅଛି। ନବୀନ ଙ୍କ ଏଜେଣ୍ଡା ସ୍ପଷ୍ଟ। ନୀତିଶ ଙ୍କ ସହ ଆଲୋଚନା ପରେ ନବୀନ କହିଛନ୍ତି କୌଣସି ରାଜନୈତିକ ଆଲୋଚନା ହୋଇନାହିଁ। ଏହା ବ୍ୟକ୍ତିଗତ ଓ ସୌଜନ୍ୟ ମୂଳକ ସାକ୍ଷାତ ଥିଲା। ନବୀନ ଓ ନୀତିଶ ଙ୍କ ପୁରାତନ ବନ୍ଧୁତା ରହିଛି. । ଜେଡିୟୁ ଗୋଟେ ଅନ୍ୟ ରାଜନୈତିକ ଦଳ ବିଜେଡି ଗୋଟେ ଅନ୍ୟ ରାଜନୈତିକ ଦଳ ।ସେ କହିଛନ୍ତି ଯେ ଜେଡିୟୁ କଣ ଟୁଇଟ କଲା ଯେଡିୟୁ କହିପାରିବ କିନ୍ତୁ ଆମ ମୁଖ୍ୟମନ୍ତ୍ରୀ କହିଛନ୍ତି ଏହା ଏକ ସୌଜନ୍ୟ ମୂଳକ ସାକ୍ଷାତ ଥିଲା। .୨୦୦୯ ମେଣ୍ଟ ସରକାର ପରଠାରୁ ବିଜେଡି ର ସମଦୂରତ୍ୱ ନୀତି ବଜାୟ ରହିଛି। ରାଜ୍ୟର ସ୍ୱାର୍ଥ କୁ ଆଖି ଆଗରେ ରଖି ଆମେ ନିଷ୍ପତି ନେଉ। ବିଜେପି ଯେତବେଳେ ଅସୁବିଧା ରେ ପଡେ ସୁବିଧା ବାଦ ର କଥା କୁହେ। ଇତିହାସ ଖୋଲିଲେ ଜଣା ପଡିବ କିଏ ସୁବିଧାବାଦୀ। ଆମେ ଓଡ଼ିଶାର ସୁବିଧା ପାଇଁ ରାଜନୀତି କରୁଛୁ. ବୋଲି ସେ କହିଛନ୍ତି।

### ଝାରସୁଗୁଡା ଉପ ନିର୍ବାଚନରେ ଭୋଟ ଦେବାକୁ ଅପିଲ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୫(ପି.ଏନ): ଝାରସୁଗୁଡା ବିଧାନସଭା ଆସନ ପାଇଁ ଆଜି ସକାଳ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏଥିରେ ଭୋଟ ଦାନ କରିବାକୁ ଭୋଟର ମାନଙ୍କୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ – ଝାରସୁଗୁଡ଼ାକୁ ଆହୁରି ସମୃଦ୍ଧ କରିବା ପାଇଁ ଆପଣମାନଙ୍କ ପ୍ରତିଟି ଭୋଟ୍ ଅତ୍ୟନ୍ତ ମୂଲ୍ୟବାନ। ଜଣେ ସଚେତନ ନାଗରିକ ଭାବେ ଝାରସୁଗୁଡ଼ା ଉପନିର୍ବାଚନରେ ନିଶ୍ଚିତ ଆପଣଙ୍କ ମତାଧିକାର ସାବ୍ୟସ୍ତ କରନ୍ତୁ। ନିଜେ ମତଦାନ କରିବା ସହ ଅନ୍ୟମାନଙ୍କୁ ଏ ଦିଗରେ ଉତ୍ସାହିତ କରନ୍ତୁ।

## ଡକାୟତି ମାମଲାରେ ଜେଲ୍ ଗଲେ ବିଜେଡି ନେତା

ଭୁବନେଶ୍ୱର, ୧୦।୫(ପି.ଏନ): ନବରଙ୍ଗପୁର ଉପ କାରାଗାରେ ବନ୍ଦୀ ଜୀବନ କାଟୁଛି ବାବୁନି ନାୟକ। ସେ କିଏ ମିଳିଥିବା ସୂଚ଼ନା ଅନୁସାରେ ସେ ହେଉଛି ନବରଙ୍ଗପୁର ଜିଲ୍ଲା ବିଜେଡି ଯୁବ ସାଧାରଣ ସମ୍ପାଦକ। ଡକାୟତି, ହତ୍ୟା ଉଦ୍ୟମ ଓ ବଟି ମାଗିବା ମାମଲାରେ ଗିରଫ ହୋଇ ଜେଲ୍‌ରେ ଯାଇଛି। ଗତ ୮ ତାରିଖରେ ନବରଙ୍ଗପୁର ପୁଲସ୍, ବାବୁନି ନାୟକ ଓ ତା'ର ୬ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଛି। ଆଜି ଏହି ପ୍ରସଙ୍ଗରେ ବିଜେଡିକୁ ଆକ୍ରମଣ କରିଛି ଜିଲ୍ଲା ବିଜେପି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ଛତ୍ରଛାୟା ତଳେ ବାବୁନି ଅପରାଧିକ ସାମ୍ରାଜ୍ୟ ବିସ୍ତାର କରି ବିଜେଡିକୁ ଫଣ୍ଡିଂ କରୁଥିବା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝୀ ଅଭିଯୋଗ କରିଛନ୍ତି।ମିଳିଥିବା ସୂଚ଼ନା ଅନୁସାରେ ଗତ ୭ ତାରିଖ ବିଳମ୍ବିତ ରାତିରେ ବଣିଆ ଗାଁରେ ଥିବା 'ମା' ଭଣ୍ଡାରଘରଣୀ କାଜୁ ମିଲ୍'ରେ ଡକାୟତି କରିବା ପାଇଁ ଯୋଜନା ଚ଼ାଲିଥିଲା। କୌଣସି ସୂତ୍ରରୁ ଖବର ପାଇ ଟାଉନ୍ ଥାନା ପୁଲିସର ଏକ ଟିମ୍ ଅଚ଼ାନକ ଚ଼ଢ଼େଉ କରି ୯ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ପୁଲିସ୍ ଗୋଟିଏ ଖଣ୍ଡା, ଗୋଟିଏ ଛୁରି, ୨ଟି ଲୁହାରଡ୍, ନଗଦ ୭୦୦ ଟଙ୍କା ଓ ୭ଟି ମୋବାଇଲ ଫୋନ ଜବତ କରିଥିଲା। ଅଭିଯୁକ୍ତମାନେ ହେଲେ ନିଶନାହାଣ୍ଡି ଗାଁର ତୁଲାରାମ ହରିଜନ, ରାଜେଶ ହରିଜନ, ବି.ମାଳିଗୁଡା ଗ୍ରାମର ଘାସି ରାମ ହରିଜନ, ପଠାନଗୁଡାର ଅରୁଣ ହରିଜନ, ଖାତିଗୁଡାର ବାବୁନି ନାୟକ, କୋଇଗୁଡାର ହରିରାମ ହରିଜନ, ବଡ଼ଡାଇଭଟ୍ଟାର ଆଡବିନ ଡଙ୍ଗରି ଓ ଭତରାସିଉଁନିର ରାମ ହରିଜନ। ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚ଼ାଲାଣ କରିଥିଲା। ଏହି ୯ ଜଣଙ୍କ ନାଁରେ ଜିଲ୍ଲା ସହ ପଡୋଶୀ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର କିଛି ଥାନାରେ ବହୁ ଅପରାଧୀକ ମାମଲା ରହିଥିଲା। ଗିରଫ ଅଭିଯୁକ୍ତମାନେ ବ୍ୟବସାୟୀ, ଠିକାଦାର, କାଜୁ ବ୍ୟବସାୟୀଙ୍କୁ ଧମକଚ଼ମକ ଦେଇ ବଟି ଆଦାୟ କରୁଥିଲେ।

## ମଧ୍ୟପ୍ରଦେଶର ବଡ ଆତଙ୍କୀ ସଂଗଠନର ଖୁଲାସା, ହାଇଦ୍ରାବଦରୁ ଗିରଫ ଅଭିଯୁକ୍ତଙ୍କୁ ନିଆଗଲା ଭୋପାଳ

ଭୋପାଳ, ୧୦।୫(ପି.ଏନ): ମଧ୍ୟପ୍ରଦେଶରେ ଆତଙ୍କବାଦ ଘଟାଉଥିବା ଗୋଟିଏ ବଡ ସଂଗଠନର ଖୁଲାସା ହୋଇଛି। ମଧ୍ୟପ୍ରଦେଶ ଏବଂ ତେଲେଙ୍ଗାନା ଏଟିଏସ ରାଜଧାନୀ ଭୋପାଳ, ଛିନ୍ଦବାଡା ଏବଂ ହେଇଦେରାବାଦରୁ କଟ୍ଟର ପନ୍ଥି ଇସଲାମାବାଦ ସଂଗଠନ ହିଜ୍ ଇତ୍ ତହରିରରେ ମିଶିଥିବା ୧୬ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୦ ଜଣ ଭୋପାଳରୁ, ଜଣେ ଛିନ୍ଦବାଡାରୁ ଓ ୫ ଜଣ ହାଇଦେରାବାଦରୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରା ଉଚରା କରାଯାଉଛି। ହାଇଦେରାବାଦରୁ ଗିରଫ ହୋଇଥିବା ସନ୍ଦୀଗ୍ଧଙ୍କୁ ଭୋପାଳ ନିଆଯାଇଛି।

## କନଷ୍ଟିଚ୍ୟୁସନ କ୍ଲବରେ ପୁସ୍ତକ ଲୋକାର୍ପଣ ଉତ୍ସବ

ନୂଆଦିଲ୍ଲୀ, ୧୦।୫(ପି.ଏନ): ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁସନ କ୍ଲବରେ ଆମ୍ବେଦର ଇଣ୍ଟରନେସନାଲ ସେଣ୍ଟର ଓ ସିଏଚଆରସି ଓଡ଼ିଶାର ମିଳିତ ସହଯୋଗରେ ଚାରିଗୋଟି ଇଂରାଜୀ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଜଳବିକାଶ ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ ବିସେଶ୍ୱର ଟୁଡୁ ମୁଖ୍ୟଅତିଥି, ବରିଷ୍ଠ ଆଇପିଏସ ଅଧିକାରୀ ତଥା ନୂଆଦିଲ୍ଲୀସ୍ଥିତ ପୋଲିସ ରିସର୍ଚ୍ଚ ଓ ଡେଭଲପମେଣ୍ଟ



ବ୍ୟୁରୋର ନିର୍ଦ୍ଦେଶିକା ଶ୍ରୀମତୀ ରେଖା ଲୋହାନୀ ସ୍ୱତନ୍ତ୍ର ଅତିଥି, ଦୈନିକ ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକିଲ ସମୂହର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ରମୋହନ ସାମନ୍ତରାୟ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ୍ତ କୁମାର ଚୌଧୁରୀ, ପଦାର୍ଥ ବିଜ୍ଞାନୀ ତଥା ଶିକ୍ଷାବିତ୍ ଡକ୍ଟର ସୁଶାନ୍ତ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଆମ୍ବେଦକର ଇଣ୍ଟରନ୍ୟାସନାଲ କେନ୍ଦ୍ରର ସଭାପତି ତଥା ପୂର୍ବତନ ପୋଲିସ ଉପମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ଉକ୍ତ ଉତ୍ସବରେ ପୌରୋହିତ୍ୟ କରିବେ। କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ କାଳିଚରଣ ସିଂ ଧନ୍ୟବାଦ ଅର୍ପଣ କରିବେ।

## ଆଦିବାସୀ ତୁଷ୍ଟୀକରଣ ନା ନେତାଙ୍କ ଥଇଥାନ ଚ଼ିନ୍ତା: ୨୪କୁ ବଢ଼ିବ ଏସଡିସି ଜିଲ୍ଲା, ୧୪ରେ ମେଗା ଶୋ'

ନୂଆଦିଲ୍ଲୀ, ୧୦।୫(ପି.ଏନ): ଦୀର୍ଘ ୫ ବର୍ଷ ଧରି ଆଦିବାସୀ ଉପଦେଷ୍ଟା ପରିଷଦକୁ ପଙ୍ଗୁ କରି ପକାଇ ରଖିଥିବା ଶାସକ ବିଜେଡି ଆସନ୍ତା ସାଧାରଣ ନିର୍ବାଚ଼ନକୁ ଆଖିରେ ରଖି ସ୍ୱତନ୍ତ୍ର ବିକାଶ ପରିଷଦ ବା ସ୍ପେଶାଲ ଡେଭଲପମେଂଟ କାଉନସିଲ (ଏସଡିସି) ଜିଲ୍ଲା ସଂଖ୍ୟାକୁ ୯ରୁ ୨୪କୁ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଆଦିବାସୀ ଭୋଟରକୁ ଭୁଆଁ ବୁଲାଇବାକୁ ଏହି ଏସଡିସି ଜିଲ୍ଲା ସଂଖ୍ୟା ୨୪କୁ ବୃଦ୍ଧି କରାଇ ସମ୍ପୃକ୍ତ ଜିଲ୍ଲାର ବିଜେଡି ସମର୍ଥିତ ଆଦିବାସୀ ନେତାମାନଙ୍କୁ ଥଇଥାନ କରି ଦଳୀୟ ଭୋଟବ୍ୟାଙ୍କକୁ ବ?ାଇବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ଜଣାପଡିଛି।ତେବେ ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୩ ପ୍ରତିଶତ ଆଦିବାସୀ ବର୍ଗର ଲୋକେ ରହୁଥିବାବେଳେ ଏବେ ଅଧିକ ସଂଖ୍ୟକ ଏସଡିସି ଜିଲ୍ଲା ଗଠନ ପାଇଁ ମନଇଛା ନିଷ୍ପତ୍ତି ନେବାକୁ ପଛାଇ ନାହାନ୍ତି। ପୂର୍ବରୁ ୫୦ ପ୍ରତିଶତରୁ ଅଧିକ ଆଦିବାସୀ ବସବାସ କରୁଥିବା




ଜିଲ୍ଲାରେ 'ଏସଡିସି' ଗଠନ ହୋଇଥିବାବେଳେ ଏବେ ୫ ପ୍ରତିଶତ ଆଦିବାସୀ ରହୁଥିବା ଉପକୂଳ ଜିଲ୍ଲାଗୁଡିକରେ ବି ଏସଡିସି ଗଠନ ହେବ ବୋଲି ଜଣାପଡିଛି। ଯଦିଓ ସବୁ ଜିଲ୍ଲାରେ ଅଳ୍ପବହୁତ ଆଦିବାସୀ ଅଛନ୍ତି ତଥାପି ସରକାର କାହିଁକି ବାକି ୬ଟି ଜିଲ୍ଲାକୁ ବାଦ୍ ଦେଲେ ଓ କେଉଁ ଆଧାରରେ ଏସଡିସି ଜିଲ୍ଲାଗୁଡିକର ସମ୍ପ୍ରସାରଣ କରୁଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚ଼ୀ ସୃଷ୍ଟି ହୋଇଛି।ମିଳିଥିବା ସୂଚ଼ନା ଅନୁସାରେ, ଆସନ୍ତା ୧୪ତାରିଖରେ ସ୍ଥାନୀୟ ଆଦିବାସୀ ପଡିଆରେ ଏକ ମେଗା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସ୍ୱତନ୍ତ୍ର ବିକାଶ ପରିଷଦ(ଏସଡିସି) ଜିଲ୍ଲା ସଂଖ୍ୟା ୯ରୁ ୨୪କୁ ବୃଦ୍ଧି ପାଇବ ବୋଲି ଘୋଷଣା କରିବେ। କେବଳ ପୁରୀ, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଭଦ୍ରକ ଓ ଗଞ୍ଜାମ ଜିଲ୍ଲାକୁ ବାଦ୍ ଦେଇ ବାକି ୧୫ଟି ଜିଲ୍ଲାରେ ଏହି ଏସଡିସି ଗଠନ ହେବ। ପୂର୍ବରୁ ୯ ଓ ଏବେ ୧୫ଟି ଜିଲ୍ଲାକୁ ମିଶାଇ ମୋଟ ୨୪ଟି ଜିଲ୍ଲାରେ ଏସଡିସି ଗଠନ ହେବ।

## ଚାଉଳ ଦୁର୍ନୀତୀ ବିରୁଦ୍ଧରେ କଂଗ୍ରେସର ବିକ୍ଷୋଭ

ବଲାଙ୍ଗୀର, ୧୦।୫(ପି.ଏନ): ଚାଉଳ ଦୁର୍ନୀତି ବିରୁଦ୍ଧରେ କଂଗ୍ରେସ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଗରିବ ଖଟିଖିଆଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଗରିବ ଜନସାଧାରଣଙ୍କୁ ଚାଉଳ ପ୍ରଦାନ କରୁଛନ୍ତି। କିନ୍ତୁ ବଲାଙ୍ଗିର ପୌରାଂଚଳରେ ଏହି ଗରିବମାନଙ୍କ ପାଇଁ ଆସୁଥିବା ଚାଉଳରେ ଅନିୟମିତତା କରି ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭଗୀୟ ଅଧିକାରୀମାନେ ଏଥିରୁ କୋଟି କୋଟି ଟଙ୍କାର ବେଆଇନ ଅର୍ଥ ଉପାର୍ଜନ କରୁଛନ୍ତି। ପୌରପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବୈଠକରେ ସଦ୍ୟ ଘଟିଯାଇଥିବା ଏକ ଘଟଣାରେ ଏହା ଆହୁରି ସ୍ପଷ୍ଟ ହୋଇ ପଡୁଛୁ ଯେ, ଦୁର୍ନୀତିରେ କେବଳ ଏସ୍‌ଏଚ୍‌ଜି କି ଅଧିକାରୀ ନୁହନ୍ତି, ପୌରାଂଚଳର କିଛି ନିର୍ବାଚିତ ଜନପ୍ରତିନିଧି ମଧ ସାମିଲ ଅଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତ କାଉନସିଲ ବୈଠକରେ ସରକାରୀ ଦଳର ଦୁଇ ଜଣ କାଉନସିଲର ଚାଉଳ ଦୁର୍ନୀତିକୁ ନେଇ ପରସ୍ପରଙ୍କୁ ଦୁର୍ନୀତିଗ୍ରସ୍ତ ବୋଲି ଆକ୍ଷେପ କରୁଥିବା ଭିଡିଓରେ ପ୍ରମାଣ ମିଳୁଛି। ଯାହାକି ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ ବଲାଙ୍ଗିର ବିଧାୟକ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ତଦନ୍ତ ଦାବୀ କରିଥିବା ବେଳେ ନଗର କଂଗ୍ରେସ ମଧ ଜିଲ୍ଲା ପ୍ରଶାସନକୁ ଦାବୀପତ୍ର ଦେଇ ଦାବୀକୁ ପୂର୍ବରୁ ଦୋହରାଇ ସାରିଛି। ତା'ସତ୍ତ୍ୱେ ମଧ ଆଜି ପର୍ଯ୍ୟନ୍ତ କୌଣସି ଦୋଷୀ ଉପରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଆଜି ବାଧ ହୋଇ ନଗର କଂଗ୍ରେସ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ନଗର ସଭାପତି ବୁଲୁ ଦାନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ଅଜୟ ବାଲୀ ଏହି ଦୁର୍ନୀତିରେ ଲିପ୍ତ ଥିବା କାଉନସିଲର, ଏସ୍‌ଏଚ୍‌ଜି ଓ ଅଧିକାରୀମାନଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ। ସେ କହିଥିଲେ ୧୫ନଂ କାଉନସିଲର ମହେନ୍ଦ୍ର ବାଗ ଚାଉଳ ଦୁର୍ନୀତିରେ ୧୬ନଂ ୱାର୍ଡ କାଉନସିଲର ସନ୍ତୋଷିନୀ କୁଅଁରଙ୍କୁ ଚାଉଳ ବାଟମାରଣା କରିବାର ଅଭିଯୋଗ କରିଥିବା ବେଳେ ପ୍ରତିଅଭିଯୋଗରେ ମହେନ୍ଦ୍ର ବାଗ ତାଙ୍କୁ ପ୍ରତ୍ୟେକ ମାସ କୋଡିଏ ହଜାର ଟଙ୍କା ଲାଂଚ ଦେବାକୁ ବାଧ କରୁଛନ୍ତି ବୋଲି ସନ୍ତୋଷିନୀ ମିଡିଆ ସମ୍ମୁଖରେ କହିଥିଲେ ଏବଂ ଲାଂଚ ଟଙ୍କା ନଦେଲେ ୧୫ନଂ ୱାର୍ଡରେ ଚାଉଳ ବଣ୍ଟନ କରାଯିବ ନାହିଁ ବୋଲି ଧମକ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ସନ୍ତକ ବହିଦାର, ଉମାଶଙ୍କର ସାହୁ, ସାନନ୍ଦ ମିଶ୍ର, ଅଙ୍କିତ ସାହୁ, ନିତିଶ ପ୍ରଧାନ, ମୀରା ମଣ୍ଡଳ ପ୍ରମୁଖ ପୌର ପରିଷଦର ଚାଉଳ ଦୁର୍ନୀତିରେ ପୌର କାର୍ଯ୍ୟାଳୟ, କାଉନସିଲର ଓ ଯୋଗଣ ବିଭାଗର ମିଳି ଭଗତ ଥିବାର ପ୍ରମାଣ ଧିରେ ଧିରେ ମିଳୁଛି ବୋଲି କହିବା ସହ ଏହାର ଭିଜିଲାନ୍ସସ୍ତରୀୟ ଅନୁସନ୍ଧାନ କରାଗଲେ ପ୍ରକୃତ ଦୋଷୀମାନେ ଦଣ୍ଡ ପାଇ ପାରିବେ ବୋଲି ନିଜ ଭାଷଣରେ ଗର୍ଜିଥିଲେ। ଭିଜିଲାନ୍ସ ଏସ୍?ପିଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ଏକ ଅଭିଯୋଗ ଫର୍ଦ୍ଦ ଭିଜିଲାନ୍ସ ଅଧିକାରୀ ଗିତାଞ୍ଜଳି ପ୍ରଧାନଙ୍କୁ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଦୀପ ମିଶ୍ର, ଅରବିନ୍ଦ ପରୁଆ, ରଜନୀ ବନଛୋର, ଉପସଭାପତି ମନୀଷ ମିଶ୍ର, ଜୁଲୁ ପଟ୍ଟନାୟକ, ସମିର କୁମ୍ଭାର, ସାଏନା ବେଗମ, ବବିତା ସାହୁ, ସବିତା ଶତପଥି, ଅନ୍ନପୁର୍ଣ୍ଣା, ବିଜୟ ଖର୍ସେଲ, ଶ୍ୟାମ ନାଗ, ସଞ୍ଜୟ ମିଶ୍ର, ବିଟୁନ ସ୍ୱାଇଁ, ଲୋପନ ମିଶ୍ର, ସଦା ସେଠ, ଭୀକାରି ସାହୁ, କୈଳାସ ମିଶ୍ର, ଘୁଣ୍ଟୁ ଦାସ, ସରୋଜ ରଥ, ଗଗନ ନାଥ, ରାଜେଶ, ସୁରେନ୍ଦ୍ର ଅସ୍ୱପାଲ, ବିଦ୍ୟାଧର ସାହୁ, ରବି ପାଣିଗ୍ରାହୀ, ବ୍ରଜ ସେଠୀ, କୁଳମଣୀ ସାହୁ, ମଙ୍ଗଲୁ ପାଣି, ଆକବର ଖାନ, ମହେଶ ପୁରୋହିତ, ସନୋଜ ପଟ୍ଟନାୟକ, ଜୟନାରାୟଣ ବହିଦାର, ରକ୍ଷା ନାଏକ, ଆଲୋକ ସାହୁ, ନିରଞ୍ଜନ ମିଶ୍ର, ପ୍ରତ୍ୟୁଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନାସିର ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ଛପର ଉଡ଼େଇନେଲା କାଳବୈଶାଖୀ, ୭ଜଣ କୁନି ଛାତ୍ରଛାତ୍ରୀ ଆହତ

ହରିଚନ୍ଦନପୁର, ୧୦।୫(ପି.ଏନ): ବର୍ତମାନ ଅସୟ ଗୁଳୁଗୁଳି ସାଙ୍ଗକୁ କାଳବୈଶାଖୀ ବର୍ଷା ସହ ପବନରେ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଶିକ୍ଷାନୁଷ୍ଠାନ ଅନ୍ତର୍ଗତ ସୁନାପେଣ୍ଟ ଗ୍ରାମପଂଚାୟତ ଟିଂଗିରିଆ ଠାରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛପର ଉଡେଇନେଲା କାଳବୈଶାଖୀ ୭ଜଣ କୁନି ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଆହତ ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇଛନ୍ତି। ବିଶେଷଜ୍ଞରୁ ପ୍ରକାଶ ଯେ ଉକ୍ତ ଗ୍ରାମପଂଚାୟତ ମାଟିହୁଡି ଗ୍ରାମର ତ୍ରିଲୋଚନ ମହାନ୍ତ ନାମକ ବ୍ୟକ୍ତି ଟିଂଗିରିଆ ଗ୍ରାମ୍ୟ ଖସରା ଜଙ୍ଗଲକୁ ସଫା କରି ବେନିୟମ ଭାବେ ବିଦ୍ୟାଳୟ ନିର୍ମାଣ କରିଥିଲେ। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ବି ରାତି ଅଧିଆ ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ବିଦ୍ୟାଳୟ ଗୃହ ନିର୍ମାଣ କରିବାରେ ସଫଳ ହୋଇଥିଲେ। ସେଠାରେ ଦୀର୍ଘ ୩ବର୍ଷରୁ ଉର୍ଦ୍ଧ୍ୱ ହେବ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନାମରେ ବିଦ୍ୟାଳୟ ଖୋଲି ସେଠାରେ ଅସୁରକ୍ଷିତ ଗୃହରେ ୪୦ରୁ ଉର୍ଦ୍ଧ୍ୱ କୁନି ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖି ଶିକ୍ଷାଦାନ ଦେଉଥିଲେ। ହେଲେ ବୁଧବାର ଅପରାହ୍ନ ସମୟର କାଳବୈଶାଖୀ ବିଦ୍ୟାଳୟକୁ ଭାଙ୍ଗିରୁଜି ଛାରଖାର କରିଥିବା ବେଳେ ଅଳ୍ପକେ ବର୍ତିଗଲେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ। ସେଥିମଧ୍ୟରୁ ଛୋଟୁଙ୍ଗ ଗ୍ରାମର ୪ର୍ଥ ଶ୍ରେଣୀର ଛାତ୍ର ସତ୍ୟଜିତ ଦେହୁରୀ ଓ ଚିଲିକିଧରା ଗ୍ରାମର ମୁକେଶ ପାତ୍ର, ସାନ୍ତରାପୁର ଗ୍ରାମର ୩ୟ ଶ୍ରେଣୀର ଛାତ୍ର ସୁଭମ ମହାନ୍ତ, ସାନଶିଆଡିମାଳ ଗ୍ରାମର ଧର୍ମପ୍ରସାଦ ମୁଣ୍ଡା, ୧ମ ଶ୍ରେଣୀର ଛାତ୍ର ତପୁ ମୁଣ୍ଡା, ଅଁଳାଯୋଡ଼ି ଗ୍ରାମର ରାଜେଶ୍ୱର ମୁଣ୍ଡା, ଏବଂ କଂଚୁଲା ଗ୍ରାମର ଛାତ୍ରୀ ଦୀପିକା ମହାନ୍ତ ଆହାତ ହୋଇଛନ୍ତି। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଚିକିତ୍ସା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏଠାରେ ବଡ଼ ପ୍ରଶ୍ନ ଯେ ବର୍ତମାନ ଭୀଷଣ ଗରମ ସହ ଗୁଳୁଗୁଳି ନିମନ୍ତେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ବିଦ୍ୟାଳୟ ବନ୍ଦ ରହିଥିବା ବେଳେ କିଭଳି ଏହି ବିଦ୍ୟାଳୟ ଖୋଲା ରହିଥିଲା। ଅଭିଭାବକଙ୍କ କହିବା ଅନୁସାରେ ସ୍କୁଲର ମାଲିକ ତ୍ରିଲୋଚନ ମହାନ୍ତ ଟିଉସନ୍ ସହ କୋଚିଂ ଦିଆଯିବ କହି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ଛାଡ଼ିବା ପାଇଁ କହିଥିଲେ। ତେଣୁ ଆମେ ତାଙ୍କ କଥା ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟରେ ଛାଡ଼ିଥିଲୁ। ଅନ୍ୟପଟେ ଅଭିଭାବକଙ୍କୁ ଶ୍ରୀମହାନ୍ତ ବିଭିନ୍ନ ପ୍ରଲୋଭନ ଦେଖାଇ ଘଟଣାର ସତ୍ୟତା ଲୁଚାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର୍ କରି ବିନା ଖାତା ଖତିଆନରେ ଚାଲୁଥିଲା ବିଦ୍ୟାଳୟ। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଜିଲ୍ଲା ଶିକ୍ଷା ବିଭାଗ ଦୃଷ୍ଟି ଦେଇ ଏଭଳି ବେଆଇନ ବିଦ୍ୟାଳୟକୁ ବନ୍ଦ କରାଇବାକୁ ଜନସାଧାରଣଙ୍କ ଦାବି ହୋଇଛି।

ସୁନ୍ଦର ସକାଳ







# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମଇ ୧୧

# ବଢୁଛି ହାଇପୋର୍ଥେମିଆ



ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର

ପ୍ରବଳ ଥଣ୍ଡା ଯୋଗୁ ମାନସିକ ଚାପ ସୃଷ୍ଟି ହୋଇପାରେ। ଯାହାକୁ ହାଇପୋର୍ଥେମିଆ ବା ଅଳ୍ପତାପ କୁହନ୍ତି। ଏହାର ଅନ୍ୟନାମ କୋଲ୍ଡ ଷ୍ଟ୍ରେସ ସିଣ୍ଡ୍ରୋମ। ଏଥିରେ ଜଣେ ରୋଗୀଙ୍କର ମାନସିକ ଓ ହୃଦୟ ପ୍ରଭାବିତ ହୋଇଥାଏ। କେତେକ କ୍ଷେତ୍ରରେ ରୋଗୀ କିଛି ଜାଣିପାରେ ନାହିଁ ଓ ପାଗଳ ଭଳି ବ୍ୟବହାର କରେ। ଏକ ରିପୋର୍ଟ ଅନୁସାରେ ହାଇପୋର୍ଥେମିଆ ଯୋଗୁଁ ଆମେରିକାରେ ପ୍ରତିବର୍ଷ ଅତି କମରେ ୧୫୦୦ ମୃତ୍ୟୁ ହେଉଛି। ବୟସାଧିକ ଲୋକ ଓ ପୁରୁଷଙ୍କୁ ଏହି ରୋଗ ସାଧାରଣତଃ ଅଧିକ ହୁଏ। ସଠିକ ସମୟରେ ହାଇପୋର୍ଥେମିଆକୁ ଜାଣି ତାହାର ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀର ଜୀବନ ଯିବାର ଆଶଙ୍କା ମଧ୍ୟ ରହିଥାଏ। ହାଇପୋର୍ଥେମିଆ ଶବ୍ଦ ଗ୍ରୀସ ଭାଷାରୁ ଆସିଛି। ଯାହାର ଅର୍ଥ ଶରୀର ଅଭ୍ୟନ୍ତରର ଉତ୍ତାପ ୩୫.୦ ଡିଗ୍ରୀ ସେଲସିୟସରୁ କମ ହେବା। ଏହାର ଲକ୍ଷଣ ତାପମାତ୍ରା ଉପରେ ନିର୍ଭର କରେ। ତିନି ପ୍ରକାରର ହୋଇପୋର୍ଥେମିଆ ରହିଥାଏ। ସାମାନ୍ୟ ହାଇପୋର୍ଥେମିଆ ହୋଇଥିଲେ କମ୍ପନ ଓ ଏନଜାଇଟି ଦେଖାଯାଏ। ମଧ୍ୟମ ହାଇପୋର୍ଥେମିଆ ହେଲେ କମ୍ପ ବନ୍ଦ ହୋଇଯାଏ ଓ ଏନଜାଇଟି ବୃଦ୍ଧି ପାଏ। ସାଙ୍ଘାତିକ ହାଇପୋର୍ଥେମିଆ ହେଲେ ପାରାଡ଼କ୍ସିକାଲ ଅନଡ୍ରେସିଙ୍ଗ ହୁଏ। ଅର୍ଥାତ ଜଣେ ନିଜ ମାନସିକ ସ୍ଥିତି ହରାଇ ବସେ। ଏହିଭଳି ପରିସ୍ଥିତିରେ ରୋଗୀ ନିଜ ଲୁଗା ଫିଙ୍ଗି ଦିଏ ଓ ଅତ୍ୟଧିକ ବ୍ୟଗ୍ର ହେତୁ ହୃଦସ୍ପନ୍ଦନ ଧୀର ହୋଇଯାଏ। ହାଇପୋର୍ଥେମକିଆ ରୋଗର ଦୁଇଟି ମୁଖ୍ୟ କାରଣ ଥାଏ। ସ୍ୱାଭାବିକ ଭାବରେ ଅତ୍ୟଧିକ ଥଣ୍ଡା ସଂସ୍ପର୍ଶରେ ଆସିଲେ ଏହି ରୋଗ ହୁଏ। କୌଣସି କାରଣ ବଶତଃ ଦେହର ଉତ୍ତାପ ସୃଷ୍ଟି କମିଗଲେ ବା ଉତ୍ତାପ କ୍ଷୟ ହେଲେ ମଧ୍ୟ ଏହା ହୁଏ। ଅନ୍ୟାନ୍ୟ କାରଣ ମଧ୍ୟରେ ସାଧାରଣତଃ ଅତ୍ୟଧିକ ମଦନିଶା, ବୟସାଧିକ୍ୟ, ଅରୁଚି ଓ କମ ରକ୍ତଶର୍କରା ଥିଲେ ମଧ୍ୟ ହାଇପୋର୍ଥେମିଆ ହୋଇଥାଏ। ଦେହ ଉତ୍ତାପ ଥର୍ମୋରେଗୁଲେସନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ମାନରେ ସ୍ଥିର ରହେ। ଦେହ ଉତ୍ତାପ ବଢ଼ାଇବା ନିମନ୍ତେ କମ୍ପ, ଅଧିକ ସ୍ୱେଚ୍ଛାକୃତ କର୍ମ କରିବା ଓ ଉଷୁମ ଲୁଗା ଘୋଡ଼ାଇ ହେବା ଆବଶ୍ୟକତା ହୋଇଥାଏ। ରୋଗୀର ଲକ୍ଷଣ ଓ ଅବସ୍ଥା ଦେଖି ବା ଦେହର ଆଭ୍ୟନ୍ତରୀଣ ଉତ୍ତାପ ମାପି ହାଇପୋର୍ଥେମିଆ ରୋଗ ନିର୍ଣ୍ଣୟ କରାଯାଏ।

ଲକ୍ଷଣ : ମାନସିକ ଚାପ ଓ ଅସ୍ଥିରତା କାରଣରୁ ରୋଗୀ ଅଧିକରୁ ଅଧିକ ସମୟ ଅନ୍ଧକାରରେ କାଟିବାକୁ ପସନ୍ଦ କରେ। ପରିବାର ଓ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା ବନ୍ଦ କରିଦିଏ। ଏକ ପ୍ରକାରର ଅବସାଦକୁ ରୋଗୀ ଚାଲିଯାଏ। ଯଦି କେହି ରୋଗୀଙ୍କ ସହ କଥା ହେବାକୁ ଚେଷ୍ଟା କରିଥାନ୍ତି, ରୋଗୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତି। ବେଳେ ଅତ୍ୟଧିକ ରାଗି ରୋଗୀ ଜିନିଷପତ୍ର ଫୋପାଡ଼ା ଫିଙ୍ଗା କରିଥାନ୍ତି। ହାଇପୋର୍ଥେମିଆ ହୋଇଥିଲେ ରୋଗୀ ଅଧିକ ଖାଦ୍ୟ ଖାଇଥାନ୍ତି। ଅନ୍ୟପକ୍ଷରେ କେତେକ ରୋଗୀ ଖାଦ୍ୟ ଖାଇବା ଛାଡ଼ି ଦେଇଥାନ୍ତି। ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଅଚାନକ ଅବନତି ଘଟିଥାଏ। କୌଣସି ସ୍ଥାନରେ ବସିବା ସମୟରେ ରୋଗୀ ଆଖି ବନ୍ଦ କରି ବସିବାକୁ ପସନ୍ଦ କରିଥାନ୍ତି। ଏହିପରି ନକରିବାକୁ ବାରଣ କଲେ, ରୋଗୀ ବିରକ୍ତି ପ୍ରକାଶ କରେ। କେତେକ କ୍ଷେତ୍ରରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ପାଇଯାଏ ଓ ରକ୍ତଚାପ ଦେଖାଯାଏ।

ଉପଚାର : ଉଷୁମ ପାନୀୟ, ଗରମ କପଡ଼ା ଓ ଶାରୀରିକ କାର୍ଯ୍ୟ କରିବା ଏହି ରୋଗର ଉତ୍ତମ ଉପଚାର। ମଧ୍ୟମ ହାଇପୋର୍ଥେମିଆ ଥିଲେ ରୋଗୀକୁ ଉଷୁମ କମ୍ବଳ ଘୋଡେଇ ଗରମ ତେଲ ମାଲିସ କରାଯାଏ। ମଧ୍ୟମ ଓ ସାଙ୍ଘାତିକ ହୋଇଥିଲେ ଏକ୍ସଟ୍ରାକର୍ପୋରିଆଲ ମେମ୍ବ୍ରେନ ଅକ୍ସିଜେନେସନ କିମ୍ବା କାର୍ଡ଼ିଓପଲମୋନାରୀ ବାଇପାସ ଚିକିତ୍ସା ଉପକାରୀ ହୁଏ। ରୋଗୀ ହୃଦସ୍ପନ୍ଦନ ଧୀର ହୋଇଗଲେ ଉପରୋକ୍ତ ଉପଚାର ସହିତ କାର୍ଡ଼ିଓପଲମୋନାରୀ ରସସିଟେସନ କରାଯାଏ। ଏହି ବ୍ୟବସ୍ଥାକୁ ୩୨୦ ଡିଗ୍ରୀ ସେଲସିୟସ ଉତ୍ତାପ ବଢ଼ିବା ପର୍ଯ୍ୟନ୍ତ ଚାଲୁରହେ। ଯଦି ଏହି ଉପଚାର ଦ୍ୱାରା କିଛି ଉନ୍ନତି ନ ହୁଏ ବା ରକ୍ତ ପଟାସିଅମ ୧୨ ମି.ମୋଲ/ଲିଟରରୁ ଅଧିକ ରହେ ତେବେ ରିସସିଟେସନ ବନ୍ଦ କରିଦିଆଯାଏ। ଏ କ୍ଷେତ୍ରରେ ଡାକ୍ତରୀ ପରାମର୍ଶରେ ଚିକିତ୍ସା କରିବା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ।

*ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର, ଦୂରଭାଷ : ୮୨୮୦୧୨୭୯୧୦*

# ଭୋଜନ ନିୟମ



ଗିରିଧାରୀ ସାମଲ

ଜୀବନରେ ଖାଦ୍ୟ ବିନା କେହି ବି ବଞ୍ଚି ପାରିବେନାହିଁ। ଭୋଜନ ସମୟରେ ଦିଗ ଉପରେ ବିଶେଷ ଧ୍ୟାନ ଦେବା ଉଚିତ। ଏହା ନକଲେ ଆପଣଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ। ବାସ୍ତୁ ନିୟମ ଅନୁସାରେ କେବେ ବି ଦକ୍ଷିଣ ଦିଗକୁ ମୁହଁ କରି ଭୋଜନ କରନ୍ତୁ ନାହିଁ। କାରଣ ଏହାକୁ ଯମ ଦିଗ ବୋଲି ମନେ କରାଯାଏ। ଏହି ଦିଗକୁ ମୁହଁ କରି ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆୟୁ ହ୍ରାସ ପାଇଥାଏ। ସେହିପରି ପଶ୍ଚିମ ଦିଗକୁ ମୁହଁ କରି ଭୋଜନ ଗ୍ରହଣ କରିବା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ।

**ବିଛଣାରେ ବସି ଭୋଜନ କରନ୍ତୁନି :** ବହୁ ଲୋକ ପ୍ରାୟ ସମୟରେ ବେଡ଼ ଉପରେ ବସି ଖାଦ୍ୟ ଖାଇଥାନ୍ତି। କିନ୍ତୁ ବାସ୍ତୁ ଅନୁଯାୟୀ ଏହା ସଂପୂର୍ଣ୍ଣ ଭାବରେ ଅନୁଚିତ। ଏପରି କରିବା ଦ୍ୱାରା ଅନ୍ନର ଅପମାନ ହୋଇଥାଏ ଓ ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି। ଫଳରେ ଘରେ ଆର୍ଥିକ ସମସ୍ୟା ସୃଷ୍ଟି ହୋଇଥାଏ। ଆୟୁ ତୁଳନାରେ ବ୍ୟୟ ବଢ଼ିଥାଏ। ଫଳରେ ବ୍ୟକ୍ତି ଋଣ କରିବାକୁ ବାଧ୍ୟ ହୋଇଥାଏ। ଅଭ୍ୟାସ ନ ବଦଳାଇଲେ ଏହି ଋଣ ବୋଝ ବଢ଼ି ବଢ଼ି ଚାଲେ।

**ଉତ୍ତରମୁହାଁ ଭୋଜନ କରନ୍ତୁ :** ଉତ୍ତର ଓ ପୂର୍ବ ଦିଗକୁ ମୁହଁ କରି ଭୋଜନ କରିବା ଅତି ଉତ୍ତମ ହୋଇଥାଏ। ଏହି ଦୁଇ ଦିଗକୁ ଦେବ ଦିଶା ମନେ କରାଯାଏ। ତେଣୁ ଏହି ଦିଗକୁ ମୁହଁ କରି ଭୋଜନ କରିବା ଦ୍ୱାରା ମା'ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ଫଳରେ ଘରେ ଆର୍ଥିକ ସମସ୍ୟା କେବେ ବି ଦେଖାଯାଏ ନାହିଁ। ପରିବାରରେ ଶାନ୍ତି ଓ ସହାବସ୍ଥାନ ବଜାୟ ରହିଥାଏ।

**ହଜମ ଶକ୍ତି ଭଲ ରହିଥାଏ :** ପୂର୍ବ ଦିଗକୁ ମୁହଁ କରି ଖାଦ୍ୟ ଖାଇବା ଆଧାତ୍ମିକ ଦୃଷ୍ଟିରୁ ଶୁଭ ହୋଇଥିବା ବେଳେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଲାଭଦାୟକ ହୋଇଥାଏ। ଏହି ଦିଗକୁ ମୁହଁ କରି ଭୋଜନ କରିବା ଦ୍ୱାରା ହଜମ ଶକ୍ତି ଭଲ ରହିଥାଏ। ଖାଦ୍ୟ ଠିକ ଭାବରେ ହଜମ ହେବାରୁ ଶରୀର ବି ସୁସ୍ଥ ରହିଥାଏ।

**ମାଟିପାତ୍ର ଶୁଭଦାୟକ :** ଶାସ୍ତ୍ରରେ ମାଟିପାତ୍ରକୁ ବହୁତ ପବିତ୍ର ଓ ଶୁଭଦାୟକ ମନେ କରାଯାଏ। ମାଟି ପାତ୍ରରେ ଖାଦ୍ୟ ପ୍ରସ୍ତୁତ କରିବା ଓ ଖାଇବା ଦ୍ୱାରା ଶରୀରକୁ ୧୦୦ ପ୍ରତିଶତ ପୋଷକତତ୍ତ୍ୱ ମିଳିଥାଏ। ସ୍ୱାସ୍ଥ୍ୟ ଲାଭ ସହିତ ସୌଭାଗ୍ୟ ପ୍ରାପ୍ତି ବି ହୋଇଥାଏ।

**ଥାଳିରେ ଖାଦ୍ୟ ଛାଡ଼ିବା ଅନୁଚିତ :** ଥାଳିରେ ସେତିକି ଖାଦ୍ୟ ନିଅନ୍ତୁ ଯେତିକି ଆପଣ ଖାଇପାରିବେ। ଥାଳିରେ ଖାଦ୍ୟ ଛାଡ଼ିବା ଦ୍ୱାରା ଅନ୍ନର ଅପମାନ ହୋଇଥାଏ। ଫଳରେ ମା'ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି। ଏହାଦ୍ୱାରା ଘରେ ଧନ ଓ ଅନ୍ନର ଅଭାବ ଦେଖାଦେଇଥାଏ। ବ୍ୟକ୍ତି କାଙ୍ଗାଳ ବି ହୋଇଯାଇପାରେ।

**ଛିଡ଼ା ହୋଇ ଭୋଜନ କରନ୍ତୁନି :** ବ୍ୟକ୍ତି ସୁଖାସନ ଅବସ୍ଥାରେ ଖାଦ୍ୟ ଗ୍ରହଣ କରିବା ଉଚିତ। କେବେ ବି ଛିଡ଼ା ହୋଇ କିମ୍ବା ଅନ୍ୟ କୌଣସି ଅବସ୍ଥାରେ ଖାଦ୍ୟ ଗ୍ରହଣ କରିବା ଅନୁଚିତ। ଏପରି କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ସେହିପରି ଖାଦ୍ୟ ଗ୍ରହଣ ପୂର୍ବରୁ ହାତଯୋଡ଼ି ଦେବୀ ଦେବତାଙ୍କୁ ସ୍ମରଣ କରି ଭୋଜନ ଲାଗି ଧନ୍ୟବାଦ ଜଣାନ୍ତୁ।

**ତିନିଥର କାଢ଼ି ଦିଅନ୍ତୁ :** ଭୋଜନ ଗ୍ରହଣ କରିବା ପୂର୍ବରୁ ଥାଳିରୁ ତିନିଥର ଅଳ୍ପ ଅଳ୍ପ ଖାଦ୍ୟ କାଢ଼ି ରଖନ୍ତୁ। ଏହାକୁ ଗାଈ, କୁକୁର ଓ କାଉକୁ ଖାଇବାକୁ ଦିଅନ୍ତୁ। କୁହାଯାଏ ଏହା ପରୋକ୍ଷରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇଥାଏ।

ଭୋଜନକୁ ଭଗବାନଙ୍କ ଦିବ୍ୟ ଉପହାର ଓ ଆମ୍ଭମାନଙ୍କ ଜୀବନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ଶରୀର ଅବଲମ୍ବନ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଭୋଜନ ଓ ଭୋଜନ ସମୟକୁ ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪*

# ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ୍ୟ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ୍ୟ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ଼ ନୁହେଁ। ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪*

# ଆଗରେ ପଡ଼ିଛି ପଥ ବହୁଦୂର...



ଆଦିତ୍ୟ ଚନ୍ଦ୍ର ଦାସ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ 'ପର୍ଯ୍ୟବେକ୍ଷକ' ଆଜି ରୌପ୍ୟ ଜୟନ୍ତୀ ସମାରୋହ ଆଜି ପାଳନ କରୁଛି। 'ପର୍ଯ୍ୟବେକ୍ଷକ'କୁ ପ୍ରତ୍ୟହ ପ୍ରତ୍ୟୁଷରୁ ପ୍ରତୀକ୍ଷା ଡ଼ଃ. ପବିତ୍ରମୋହନ ସାମନ୍ତରାୟଙ୍କ ସଂପାଦନାରେ ସଂପାଦିତ ହେବାପରଠାରୁ ବଢିଯାଇଛି, ଯେହେତୁ ସେ ଖବରକାଗଜର ସଂପାଦକଙ୍କ ଜନ୍ମସ୍ଥାନ ଆମ ଗାଁରେ ଓ ମୋର ଅରମ୍ୟରଚନାମୂଳକ ଲେଖାଗୁଡ଼ିକ ଏଥିରେ ରମ୍ୟରଚନା ହୋଇ ପ୍ରକାଶିତ ହୋଇଥାଏ ବୋଲି। ଯଦିଓ କରୋନା ମହାମାରୀ ପରଠାରୁ ଏହା ଇ-ପେପର ଆକାରରେ ପ୍ରକାଶ ପାଉଛି ଓ ତତ୍ ସଂଗେସଂଗେ ଏକ ଇଂରାଜୀ ଖବର କାଗଜଟିଏ (ଦ କଳିଙ୍ଗ କ୍ରୋନିକିଲ୍) ବି ପ୍ରକାଶ ପାଉଛି ସେଥିପାଇଁ ସେ ପ୍ରତୀକ୍ଷା ଆହୁରି ବଢ଼ି ଯାଇଛି।

ପରିବର୍ତ୍ତନ ହିଁ ପ୍ରକୃତିର ନିୟମ । ଯଦିଓ ପରିବର୍ତ୍ତନ ହୁଏ ପରିସ୍ଥିତିରେ ଉନ୍ନତି ପାଇଁ ତଥାପି ଅଧିକାଂଶ କ୍ଷେତ୍ରରେ ପରିବର୍ତ୍ତନ ଉନ୍ନତି ଆଣୁନାହିଁ । ଗଣମାଧ୍ୟମ କଥା ଚିନ୍ତା କରନ୍ତୁ । ଗଣମାଧ୍ୟମ ସାଧାରଣ ସେବା ପାଇଁ ଯଦିଓ ଉଦ୍ଦିଷ୍ଟ, ମାତ୍ର ତାହା ଆଜି ଦୁଶ୍ଚରିତ୍ରମାନଙ୍କର ଖୋଳପା ସାଜିଛି । ନିଜର ପ୍ରତିଷ୍ଠା ପାଇଁ ଲାଳସା ରହିବା ନିଶ୍ଚିତ, ହେଲେ ବି ଏହାର ସଂଜ୍ଞା ବଦଳିଯାଇଛି । ଆଜିକାଲି ପ୍ରତିଷ୍ଠାର ଅର୍ଥ-ଅର୍ଥଲାଭ ଓ ଅନ୍ୟମାନଙ୍କୁ କ୍ଷମତାର ଅପବ୍ୟବହାର କରି ତଳେ ପକାଇବାର ପ୍ରବୃତ୍ତି । ଏହି ଦୁଶ୍ଚରିତ୍ରମାନେ କାହାର ଶିରୀ ଦେଖିପାରନ୍ତି ନାହିଁ । ଜନତା ଜନାର୍ଦ୍ଦନର ସେବାଠାରୁ ଏମାନେ ନିଜସ୍ୱ ସେବା କରିବାକୁ ଗୁରୁତ୍ୱ ଦେଉଛନ୍ତି । ଏହା ଭିତରେ ମଧ୍ୟ ସାମ୍ବାଦିକତାର ମାନ ବିଚାର୍ଯ୍ୟ । ସମ୍ବାଦପତ୍ର ଓ ସାମ୍ବାଦିକତା ଏବେ ବିତ୍ତଶାଳୀ, ଶକ୍ତିଶାଳୀ ବ୍ୟକ୍ତି ଓ ଗୋଷ୍ଠୀଙ୍କର ଯଶଗାନ କରୁଛନ୍ତି । ସେମାନଙ୍କର କଳାସାମ୍ରାଜ୍ୟର କଳଙ୍କକୁ ଆଲୋକକୁ ନ ଆଣି କିଏ କାହାକୁ କେଉଁଠାରେ ନାୟକ କରିଦେଉଛି ତ' କିଏ ମହାନାୟକ କରି ନାୟକଙ୍କର ଖଳନାୟକ ଗୁଣକୁ ଲୁଚାଇ ଦେଉଛି । ସାମ୍ବାଦିକତାକୁ ଥୋଡ଼େ ସୌକିନ ସଉକରେ ଆପଣାଇଛନ୍ତି । ବିନା ସାମ୍ବାଦିକ ପାଠପଢାରେ ସାମ୍ବାଦିକ ହୋଇ ସମ୍ପାଦକ ସାଜିବା ପାଇଁ ଏବେ ଏତେ ମାତ୍ରରେ ହୁକୁହୁକୁ ବଢିଯାଇଛି ଯେ, ଲାଗୁଛି ସତେ ଯେମିତି ସାମ୍ବାଦିକଟିଏ ଯେକୌଣସି ଜାଗାରେ ସମ୍ପାଦକଟିଏ ହେବା ଜରୁରୀ ସେଣିକି ପ୍ରାୟୋଜକ କି ପ୍ରାୟୋଜିକା ଯେ କେହି ବି ହୋଇଥାନ୍ତୁ !

'ପର୍ଯ୍ୟବେକ୍ଷକ' ସଂପାଦକଙ୍କ ଭାଷାରେ – "... ଏଇ ପ୍ରତିଶ୍ରୁତି ଦେଉଛି ଯେ, ଦୈନିକ ଖବରକାଗଜ 'ପର୍ଯ୍ୟବେକ୍ଷକ' ବିଗତ ବର୍ଷଗୁଡ଼ିକରେ ଯେପରି ରାଜ୍ୟବାସୀଙ୍କ ମୁଖପତ୍ର ରହିଥିଲା, ଏବେ ରହିଛି, ସେପରି ମଧ୍ୟ ଆଗାମୀ ଦିନଗୁଡ଼ିକରେ ରହିବ ଓ ପୂର୍ବବତ୍ ସାଧାରଣ ଜନତାଙ୍କ ପଛରେ ସଦାସର୍ବଦା ଛିଡ଼ାହେବ।"

'ପର୍ଯ୍ୟବେକ୍ଷକ'ର ପର୍ଯ୍ୟବେକ୍ଷଣ ପରର ପରଷାରେ ପର୍ଯ୍ୟବସିତ ନୁହେଁ, ବରଂ ପ୍ରତ୍ୟେକ ଘଟଣା ଉପରେ ଏହାର ସ୍ୱକୀୟ ପର୍ଯ୍ୟବେକ୍ଷଣ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରେ । ନୂଆ ନୂଆ ଲେଖକ-ଲେଖିକାଙ୍କୁ ସ୍ଥାନ ଦେବା ଏ ଖବରକାଗଜର ଆଉ ଏକ ବିଶେଷତ୍ୱ ଏବଂ ଯାହା ଅନ୍ୟ ଖବରକାଗଜମାନଙ୍କ ପାଇଁ ଉଦାହରଣ ହୋଇ ରହିବ । ଅପ୍ରିଲ ୨, ୨୦୧୩ର ସଂସ୍କରଣ ସମ୍ପାଦକୀୟ ପୃଷ୍ଠା ଓ ପରପାର୍ଶ୍ୱ ପୃଷ୍ଠାଟି ଜଣେ ଶିକ୍ଷକଙ୍କ ପାଇଁ ଉତ୍ସର୍ଗୀକୃତ ଥିଲା ଯାହା କେବଳ ଜଣେ ପଢିଥିଲେ ଅବା ସେଦିନର ସଂସ୍କରଣ ଦେଖିଥିଲେ ହିଁ ଜାଣିପାରିବ । ସେ ମହାନ ଶିକ୍ଷକଙ୍କ ମହାନଗୁଣ ଯାହା ଥାଉନା କାହିଁକି ମାତ୍ର ସେ 'ପର୍ଯ୍ୟବେକ୍ଷକ' ଖବରକାଗଜର ସଂପାଦକ୍ଙ୍କ ଶିକ୍ଷକ ଥିଲେ । ଏମିତି କେତେଜଣ ସଂପାଦକ-ଛାତ୍ର ଅଛନ୍ତି କୁହନ୍ତୁତ ନିଜ ଗୁରୁଙ୍କ ପାଇଁ ଗୋଟିଏ ଦିନର ଖବରକାଗଜର ଦୁଇପୃଷ୍ଠା ଛାଡ଼ିଦେବେ ? ଉତ୍ତର ହୁଏତ ହୋଇପାରେ ନିଜର ଖବରକାଗଜ ମାତ୍ର ତାହା ସନ୍ତୋଷଜନକ ନୁହେଁ । ସମୂହ କାର୍ଯ୍ୟପାଇଁ ସଂକଳ୍ପ ନେଇଥିବା ଯେକୌଣସି ସାଧକମାନେ ଆଗେ ସମସ୍ତେ ଜଣେ ଜଣେ ଏବଂ ମିଶିଲେ ଗଣା ହୁଅନ୍ତି ଗଣରେ । ତେଣୁ ସବୁବେଳେ ସମୂହ କଥା ଚିନ୍ତାକରି କେତେବେଳେ ବି ଜଣକ ପାଇଁ ଚିନ୍ତା କରିବା ଜରୁରୀ । ଆମ ଅଞ୍ଚଳରେ ବିଶେଷ କରି ଚଣ୍ଡିତଳରେ ୪ ବୀର କିଶୋର ପଟ୍ଟନାୟକଙ୍କ ପରି ଜଣେ ମହାନ ଶିକ୍ଷକ ଥିଲେ, ମାତ୍ର ଯାହାଙ୍କୁ ଆମେ ଜାଣିପାରିଲୁ ନାହିଁ । ଏହାଠାରୁ ଦୁର୍ଭାଗ୍ୟ ଆଉ କ'ଣ ଥାଇପାରେ ? କେନ୍ଦୁଝର ଜିଲ୍ଲାର ଅଳତୀ ବେଲସୁନ୍ଦରୀ ଅଞ୍ଚଳର ଲୋକେ ତାଙ୍କୁ ଜାଣି 'ଦରିଦ୍ର ନାରାୟଣ ବିଦ୍ୟାପୀଠ'ରେ ତାଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରଖି ଏବେ ବିଦ୍ୟାଳୟରେ ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି ତାଙ୍କର । ପାଠପଢାରେ ଯାଜପୁର ଅଞ୍ଚଳ ଆଗୁଆ ବର୍ଗରେ ଥିଲାବେଳେ କେନ୍ଦୁଝର ଜିଲ୍ଲା ନାମ ବୋଧେ ପଛୁଆ ବର୍ଗରେ । ଧନ୍ୟ କହିବ ସେ ଅଞ୍ଚଳବାସୀଙ୍କୁ । କାହାକୁ ମନେ ରଖିବା ପାଇଁ ସାହିତ୍ୟିକ ଅବା ସାଂସ୍କୃତିକ ସ୍ମୃତି ସଂସଦ ନୁହେଁ, ଏକ ମନ ଓ ଏକ ହୃଦୟ ସମସ୍ତଙ୍କର ହେବା ଦରକାର ବୋଲି ଅଳତୀ ବେଲସୁନ୍ଦରୀ ଗ୍ରାମବାସୀ ଜଣାଇଦେଲେ ସାରା ଓଡ଼ିଶାବାସୀଙ୍କୁ । ମନେପଡୁଛି କବିତା ଧାଡ଼ିଟିଏ- 'ବିଦ୍ୟାର ଆଳୟ ଅଟେ ବିଦ୍ୟାଳୟ / ବିଦ୍ୟାର୍ଥୀ ତାର ସନ୍ତାନ / ବିଦ୍ୟାର୍ଥୀ ଶିକ୍ଷକ ଏକ ମେଳ ହେଲେ / କରନ୍ତି ଯଶ ଅର୍ଜନ ।'

'ପର୍ଯ୍ୟବେକ୍ଷକ'ର ପ୍ରଗତି ପ୍ରତିକ୍ଷଣ ପ୍ରତିକ୍ଷିପ୍ତ । ଜାଣିବାରେ, କେତେକ ସମୟରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବାରୁ ରାଜନୈତିକ ଶକ୍ତି କ୍ଷମତାର ଅପବ୍ୟବହାର କରିଛନ୍ତି ଏ ଖବରକାଗଜ ଉପରେ। ବଶ କରିବାକୁ ଚେଷ୍ଟା କରିଛନ୍ତି ଓ ବେବଶ କରିବାକୁ ମଧ୍ୟ ବାଧ୍ୟ କରିଛନ୍ତି । ଆର୍ଥିକ ଦୃଷ୍ଟିରୁ ଖବରକାଗଜକୁ ହାତରେ ନ ମାରି ଭାତରେ ମାରିବାର ପ୍ରକ୍ରିୟାକୁ ମଧ୍ୟ ଅଣଦେଖା କରିହେବ ନାହିଁ । ତଥାପି ନିରବଚ୍ଛିନ୍ନ ଭାବେ ପାଠକ-ପାଠିକାଙ୍କ ପ୍ରବଳ ଆଦର ଖବରକାଗଜକୁ ଏତେ ବାଟ ନେଇଛି ବା ଏତେ ବରଷରେ ପହଞ୍ଚାଇଛି । ଲୋକାନୁମୋଦନ ଓ ଲୋକସମର୍ଥନକୁ ନେଇ ଏହା ଆଗେଇ ଚାଲୁ ଆହୁରି ଆଗକୁ ଆଗକୁ । ଆଜିର ୨୫ତମ ରୌପ୍ୟ ଜୟନ୍ତୀ ଅବସରରେ ପ୍ରାର୍ଥନା କରୁଛି ଜଗତର ନାଥ ଜଗନ୍ନାଥଙ୍କ ପାଖରେ ଯେ, 'ପର୍ଯ୍ୟବେକ୍ଷକ' ଆହୁରି ଲୋକଙ୍କ ନିକଟତର ହେଉ ସେମନଙ୍କ ସୁଖଦୁଃଖରେ ସମଭାଗୀ ହୋଇ !

କ୍ଷେତ୍ରପାଳ, କଣ୍ଟିଗାଡ଼ିଆ, ଯାଜପୁର।

# ସୁପୁତ୍ର ବନାମ କୁପୁତ୍ର



ପ୍ରଦୀପ୍ତ କୁମାର ଜେନା

ପୁତ୍ ଧାତୁରୁ ପୁତ୍ର ଶବ୍ଦଟି ଆସିଅଛି । କୁହାଯାଏ ଘରକୁ ପୁତ୍ରଟିଏ ଆସିଲେ ସେହି ପୁତ୍ରଟି ପୂତ୍ ନାମକ ନର୍କରୁ ପିତାକୁ ଉଦ୍ଧାର କରିଥାଏ । ଭାଗବତରେ ଅନେକ ପ୍ରକାର ନର୍କର କଥା ଉଲ୍ଲେଖ ଅଛି । ମଣିଷ ନିଜର କୁକର୍ମ ପାଇଁ ନର୍କ ଭୋଗ କରିଥାଏ । କେଉଁ ପାପ କଲେ କେଉଁ ନର୍କ ଭୋଗ କରିବାକୁ ପଡ଼େ ତାହା ବିଷଦ ଭାବରେ ଭାଗବତରେ ଉଲ୍ଲେଖ କରାଯାଇଛି । ପୂତ୍ ନାମକ ନର୍କ ତନ୍ମଧ୍ୟରୁ ଅନ୍ୟତମ । ପୁରାଣ ପୃଷ୍ଠାକୁ ଅନୁଶୀଳନ କଲେ ଅନେକ ଆଦର୍ଶ ବା ସୁପୁତ୍ରର ଉଦାହରଣ ଦେଖିବାକୁ ମିଳେ । ତ୍ରେତୟା ଯୁଗରେ ଋଷି ଯମଦଗ୍ନି ନିଜ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ନିଜର ପୁତ୍ରମାନଙ୍କୁ, ତାଙ୍କ ମା'ଙ୍କୁ ହତ୍ୟା କରିବା ପାଇଁ କହିଲେ । ପୁତ୍ରମାନେ ଏ ପ୍ରକାର ବର୍ବୋରୋଚିତ ହତ୍ୟା କରିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଯମଦଗ୍ନି ନିଜର ଅନ୍ୟ ପୁତ୍ର ପର୍ଶୁରାମଙ୍କୁ ଉକ୍ତ କାର୍ଯ୍ୟ କରିବାକୁ ପରାମର୍ଶ ଦେଲେ । ପର୍ଶୁରାମ ପିତାଙ୍କ ଉପଦେଶକୁ ତତ୍କ୍ଷଣାତ୍ ପାଳନ କରିବାକୁ ଯାଇ ନିଜ ମା' ଓ ଅନ୍ୟ ଭାଇମାନଙ୍କର ଶିର ଛେଦନ କରିଥିଲେ । ପିତାଙ୍କ ଆଦେଶକୁ ପାଳନ କରିଥିବାରୁ ଋଷି ସନ୍ତୁଷ୍ଟ ହୋଇ ପର୍ଶୁରାମଙ୍କୁ ବର ପ୍ରଦାନ କରିଥିଲେ । ପର୍ଶୁରାମ ପିତାଙ୍କ ବରରେ ତାଙ୍କର ମାତା ଓ ଅନ୍ୟ ଭାଇମାନଙ୍କୁ ପୁନର୍ବାର ଜୀବନ ଦେଇପାରିଥିଲେ । ବାପାଙ୍କ ଆଦେଶକୁ ବିନା ଦ୍ୱିଧାରେ ପାଳନ କରିଥିବାରୁ ପର୍ଶୁରାମ ବାପାଙ୍କ ଉତ୍ତମ ବା ଆଦର୍ଶ ପୁତ୍ର ଭାବେ ପରିଗଣିତ ହୁଅନ୍ତି । ଠିକ୍ ସେଇଭଳି ପ୍ରଭୁ ରାମଚନ୍ଦ୍ର ପିତା ଦଶରଥଙ୍କ ସତ୍ୟ ରକ୍ଷା କରିବାକୁ ଯାଇ ଚଉଦ ବର୍ଷ ବନବାସକୁ ଆପଣାଇ ନେଇଥିଲେ । ପ୍ରଭୁ ରାମଚନ୍ଦ୍ରଙ୍କ ନାମ ଜଣେ ଆଦର୍ଶ ପୁତ୍ର ଭାବେ ଆମ ପୁରାଣ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଆମର ଇତିହାସ ଓ ପୁରାଣ ପୃଷ୍ଠା ଉନ୍ମୋଚନ କଲେ ଏହିଭଳି ଅନେକ ଉଦାହରଣ ଦେଖିବାକୁ ମିଳିଥାଏ, ଯେଉଁ ପୁତ୍ର ବାପାଙ୍କ ଆଦେଶର ଭୁଲ୍ ଓ ଠିକ୍‌ର ଦିଗକୁ ବିଚାରକୁ ନନେଇ ଅକୁଣ୍ଠିତ ଚିତ୍ତରେ ପାଳନ କରିଥାଏ, ପିତା ସେହି ପୁତ୍ରକୁ ଶ୍ରେଷ୍ଠ ବା ଉତ୍ତମ ପୁତ୍ର ଭାବରେ ବିଚାର କରିଥାଏ । ପିତାର ମନକଥାକୁ ଯେଉଁ ପୁତ୍ର ବୁଝି, ତା'ର ମନୋବିଷ୍ଟ ପୂରଣ କରିଥାଏ, ପିତା ନିଶ୍ଚିତ ଭାବରେ ସେହି ପୁତ୍ରକୁ ଉତ୍ତମ ପୁତ୍ର ଭାବେ ବିଚାର କରେ । ରାଜା ଶାନ୍ତନୁ ସତ୍ୟବତୀଙ୍କ ପ୍ରେମରେ ପାଗଳ ହୋଇ ଯେତେବେଳେ ବିବାହ କରିବାକୁ ଚାହିଁଲେ ଓ ମାନସିକ କଷ୍ଟ ପାଇଲେ ତାଙ୍କ ପୁତ୍ର ଦେବବ୍ରତ ବାପାଙ୍କ ମାନସିକ କଷ୍ଟକୁ ଅନୁଧ୍ୟାନ କରି ଜାଣିପାରିଲେଯେ, ସେ ଦାସ ରାଜାଙ୍କ କନ୍ୟା ସତ୍ୟବତୀଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି । ଦେବବ୍ରତ ନିଜେ ଯାଇ ଦାସ ରାଜାଙ୍କୁ ବିବାହ ପ୍ରସ୍ତାବ ଦେଲେ । ଦାସ ରାଜା ସତ୍ୟବତୀଙ୍କୁ ଶାନ୍ତନଙ୍କୁ ସହିତ ବିବାହ ପାଇଁ ରାଜି ହେଲେ; କିନ୍ତୁ ସେ ଗୋଟିଏ ସର୍ତ୍ତ ଦେବବ୍ରତଙ୍କ ପାଖରେ ରଖିଲେ । ସର୍ତ୍ତ ଅନୁଯାୟୀ ଶାନ୍ତନୁଙ୍କ ପୁତ୍ର ଦେବବ୍ରତ, ରାଜସିଂହାସନ ପାଇବ ନାହିଁ । ସତ୍ୟବତୀଙ୍କ ଗର୍ଭର ସନ୍ତାନ ହିଁ ରାଜା ହେବ । ଏକଥା ଜାଣିଲା ପରେ ଦେବବ୍ରତ ଦାସ ରାଜାଙ୍କ ସର୍ତ୍ତରେ ରାଜି ହେଲେ ଓ ସେ ଉତ୍ତରାଧିକାରୀ ସୂତ୍ରରେ ସିଂହାସନ ଦାବୀ କରିବେ ନାହିଁ ବୋଲି କହିବା ସହିତ ଆଜନ୍ମ ବ୍ରହ୍ମଚାରୀ ରହିବେ ବୋଲି ପ୍ରତିଜ୍ଞା କଲେ । ସେହିଦିନଠାରୁ ତାଙ୍କ ନାମ ଭୀଷ୍ମ ରହିଲା । ପିତାଙ୍କ ଆନନ୍ଦ ପାଇଁ ଦେବବ୍ରତ ତ୍ୟାଗ ସ୍ୱୀକାର କଲେ । ଫଳରେ ସେ ଶାନ୍ତନୁଙ୍କ ନିକଟରେ ଜଣେ ଆଦର୍ଶ ପୁତ୍ର ଭାବରେ ନିଜକୁ ପ୍ରତିପାଦିତ କଲେ । ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନରେ କାମ କରୁଥିବା ଜଣେ ଅଧିସ୍ତନ କର୍ମଚାରୀ ତା'ର ମାଲିକର କଥାକୁ ଯଦି ଅନ୍ଧ ଭାବରେ ସମର୍ଥନ କରେ ତାହେଲେ ସେ ମାଲିକର ପ୍ରିୟପାତ୍ର ହୋଇପାରିବ । ଯଦି ମାଲିକର ଭୁଲ୍ ବାହାର କରିବ ତାହେଲେ ସେ ମାଲିକର ନିକଟତର ହୋଇପାରିବ ନାହିଁ । ସେଥିପାଇଁ କୁହାଯାଏ 'ଇକ୍ଷ୍ୱସ୍ୱ ସସ୍ୱ ବକ୍ଷଙ୍ଗବଚ କ୍ୱସଶକ୍ଷସ୍ୱ' । ଠିକ୍ ସେହିଭଳି ଯେଉଁ ପୁତ୍ର ବାପାଙ୍କ ଭୁଲ୍ ହେଉ ବା ଠିକ୍ ହେଉ ତାକୁ ବିନା ଦ୍ୱିଧାରେ ପାଳନ କରେ ସେହି ପୁତ୍ର ବାପାଙ୍କର ସବୁଠାରୁ ଉତ୍ତମ ପୁତ୍ର ଭାବେ ପରିଗଣିତ ହୁଏ । ଶ୍ରବଣ କୁମାର ନିଜର ବୃଦ୍ଧ ପିତାମାତାଙ୍କୁ ନିଜ କାନ୍ଧରେ ଭାର ସାହାଯ୍ୟରେ ବୋହି ବୋହି ନେଇ ତୀର୍ଥ ଭ୍ରମଣ କରିଥିଲେ । ତାଙ୍କର ତ୍ୟାଗ ଓ ପିତା ମାତାଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ଭଲ ପାଇବା ତାକୁ ଜଣେ ଆଦର୍ଶ ପୁତ୍ରର ସ୍ଥାନ ଦେଇଥାଏ । କପିଳ ମୂନିଙ୍କ ଅଭିଶାପରେ ସାଗର ବଂଶ ପୋଡ଼ି ପାଉଁଶ ହୋଇଯାଇଥିଲା । ସାଗର ବଂଶର ଦାୟାଦ ଭଗିରଥ ଶିବଙ୍କୁ ତପସ୍ୟା କରି ଗଙ୍ଗା ମାତାଙ୍କୁ ମର୍ତ୍ତ୍ୟକୁ ଆଣିଥିଲେ, ଯାହାଫଳରେ ତାଙ୍କ ପରିବାର ଗଙ୍ଗାମାତାଙ୍କ ସ୍ପର୍ଶରେ ପୁନର୍ଜିବିତ ହୋଇଥିଲେ । ଜଣେ ଆଦର୍ଶ ପୁତ୍ର ଭାବେ ଭଗିରଥଙ୍କୁ ଆମ ଶାସ୍ତ୍ର ଗୁଣଗାନ କରେ । ଜଣେ ସୁପୁତ୍ର ଭାବନାରେ 'ପିତା ସ୍ୱର୍ଗ ପିତା ଧର୍ମ ପିତାହିଁ ପରମ ତପ ପିତରି ପ୍ରୀତିମାପନେ ପ୍ରିୟୋନ୍ତ ସର୍ବଦେବତା ।' ପିତା ସ୍ୱର୍ଗଠାରୁ ମହାନ୍ । ଆଜିର ସମାଜରେ ଗୋଟିଏ ସୁପୁତ୍ର ଖୋଜି ବାହାର କରିବା ଏକ ସମସ୍ୟା । କଳିଯୁଗରେ କୁପୁତ୍ରଙ୍କ ସଂଖ୍ୟା ଅଧିକ । କୁପୁତ୍ର ସେଇମାନେ ଯେ ନିଜର ପିତାଙ୍କୁ କୁକୁର ଭଳି ବ୍ୟବହାର କରିଥାଆନ୍ତି । ସ୍ତ୍ରୀ ବୁଦ୍ଧିରେ ପଡ଼ି ପିତା ମାତାଙ୍କୁ ଶେଷ ଜୀବନରେ ବୃଦ୍ଧାଶ୍ରମରେ ଛାଡ଼ି ଦେଇଥାଆନ୍ତି । 'ଡାକମୁନ୍‌ସି' ଗଳ୍ପରେ ଫକୀର ମୋହନ ସେନାପତି ଆଜିର ସମାଜରେ ଥିବା ଇଂରେଜି ପଢୁଆ ପୁଅର ଚରିତ୍ର ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି । ଡାକମୁନିସି ତାଙ୍କର ବୃଦ୍ଧ ରୋଗୀଣା ବାପାଙ୍କ ସାଙ୍ଗ ପାଖରେ ଚାକର ବୋଲି ପରିଚୟ ଦେଇଛନ୍ତି । ଅପାଠୁଆ ମଳିମୁଣ୍ଡିଆ ବାପା ଯଦି ଶିକ୍ଷିତ ଚାକିରିଆ ପୁଅ ପାଖକୁ ବୁଲି ଯାଉଛି ପୁଅ ତାକୁ ତା' ଘରେ ରଖିବା ପରିବେର୍ତ୍ତ କିଛି ପଇସା ଦେଇ ଗାଁକୁ ବିଦା କରିଦେଉଛି । କାରଣ ତା'ର ଇଜ୍ଜତ ଅଛି । ସାଙ୍ଗ ସାଥିମାନେ ଯଦି ଏଭଳି ଜଣେ ମଫସିଲିଆ ଅପାଠୁଆ ଲୋକକୁ ଦେଖିବେ ସେମାନେ କ'ଣ କହିବେ । ସମାଜରେ ଆଜି ସୁପୁତ୍ର ବା ଆଦର୍ଶ ପୁତ୍ରର ଘୋର ଅଭାବ ଅଛି । ଆଜି ସମ୍ପତ୍ତି ଲୋଭରେ ପୁଅ ବାପାକୁ ହତ୍ୟା କରୁଛି । ତୀର୍ଥ ଭ୍ରମଣ ନାଁରେ ବାହାରକୁ ନେଇ ଛାଡ଼ି ଦେଇ ଆସୁଛି । ବାପା ଯେତେବେଳେ ଶଯ୍ୟାଶାୟୀ ହୋଇପଡୁଛି ପୁଅ କହୁଛି ବାପା ମୋର ଚାଲିଗଲେ ଭଲ ହୁଅନ୍ତା । କିଏ ତା'ର ସେବା କରିବ । ପୁଅ ବିଦେଶରେ ଚାକିରୀ କରୁଛି । ବାପାଙ୍କ ଦେହ ଖରାପ କଥା ଶୁଣି କହୁଛି ବାପାର ବୟସ ହେଲାଣି, ଆଉ ମୁଁ ଏବେ ଦେଖିବାକୁ କ'ଣ ଯିବି । ଏକାଥରେ ମଲାବେଳକୁ ଯାଇ ଶୁଦ୍ଧି କାର୍ଯ୍ୟ କରି ଆସିବି । କିଛିଦିନ ତଳେ ଏକ ସତ୍ୟ ଖବର ମୋ ନଜରକୁ ଆସିଥିଲା । ଦୁଇ ଭାଇ ବାହାରେ ଚାକିରୀ କରନ୍ତି । ଘରେ ବୃଦ୍ଧା ପିତା ମାତା । ବାପା ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ । ମା'ର ମୃତ୍ୟୁ ହେବାରୁ ଦୁଇପୁଅଙ୍କ ପାଖକୁ ଖବରଗଲା । ବଡ଼ଭାଇ ସାନଭାଇକୁ କହିଲା, "ତୁ ଚାଲିଯା, ମୁଁ ବାପାଙ୍କ କାମକୁ ଯିବି ।" ଯେତେବେଳେ ଏହି କଥା ବାପାଙ୍କ ଗୋଚରକୁ ଆସିଲା ସେ ତତ୍କ୍ଷଣାତ୍ ନିଜର ବନ୍ଧୁକଟିକୁ ଆଣି ଆତ୍ମହତ୍ୟା କରିଦେଲେ ଓ କହିଲେ ବଡ଼ପୁଅ ଆଉ ଆସିବାକୁ ପଡ଼ିବ ନାହିଁ । ଗୋଟିଏ ଜୁଇରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ଶବ ପାଉଁଶ ହୋଇଗଲା । ଆଜିର ସମାଜରେ ଏଭଳି କୁପୁତ୍ର ଅସୀମ । ଗୋଟିଏ ସୁପୁତ୍ରକୁ ଖୋଜି ପାଇବା ବଡ଼ କଷ୍ଟ । ଯେଉଁ ପୁତ୍ର ପିତା ପାଇଁ ଏହି ସଂସାରର ଆଲୋକ ଦେଖିବାର ସୁଯୋଗ ପାଇଛି ସେହି ପୁତ୍ର ଯେତେବେଳେ ବଡ଼ ହୋଇଯାଉଛି ଓ ଘର ସଂସାର କରୁଛି ସେ ତା'ର ସୃଷ୍ଟିକର୍ତ୍ତାକୁ ଭୁଲିଯାଉଛି । ସତେଯେପରି ପିତା ତା' ସଂସାର ପାଇଁ ବୋଝ ସଦୃଶ୍ୟ । ପିଲାଟି ସଂସ୍କାର ଶିଖୁନି । ଈଶ୍ୱର ଓ ତାଙ୍କ ମହନୀୟ ସୃଷ୍ଟି ସମ୍ବନ୍ଧରେ ଜ୍ଞାନ ଆହରଣ କରୁନି । ପିତା ମାତାଙ୍କ ଲକ୍ଷ୍ୟ ରହୁଛି କିଭଳି ପିଲାଟି ପାଠ ପଢ଼ି ଅମାପ ଧନ ରୋଜଗାର କରିବ, ଭଲ ସଂସ୍କାରି ମଣିଷଟିଏ ହେବା କଥା ସେମାନେ ଚିନ୍ତା କରୁନାହାନ୍ତି । ଯାହାଫଳରେ ପୁତ୍ର ସମ୍ପତ୍ତି ପଛରେ ଜୀବନସାରା ଗୋଡ଼େଇ ଗୋଡ଼େଇ ଶେଷରେ ନିଜର ପିତା ମାତାଙ୍କୁ ହତାଦର କରୁଛି । ପୁତ୍ର କୁପଥକୁ ଯିବା ପାଇଁ ସେ ନିଜେ ଯେତିକି ପରିମାଣରେ ଦାୟୀ, ପିତା ମାତା, ପରିବେଶ ଓ ସାମାଜିକ ବିଧି ବ୍ୟବସ୍ଥା ମଧ୍ୟ ସେତିକି ଦାୟୀ । ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ଏହି ସଂସାରର ପରିବର୍ତ୍ତନ ପାଇଁ ଏକ ସୁନ୍ଦର ସୃଷ୍ଟିର ଆବଶ୍ୟକତାକୁ ଆହ୍ୱାନ କରିଛନ୍ତି । ଭଲ ସୃଷ୍ଟି ପାଇଁ ଜଣେ ଭଲ ସୃଷ୍ଟିକର୍ତ୍ତା ଅର୍ଥାତ ଜଣେ ସଂସ୍କାରି ଚରିତ୍ରବତୀ ପତିପରାୟଣା ଈଶ୍ୱରବିଶ୍ୱାସୀ ମା'ର ଆବଶ୍ୟକତାକୁ ଅନୁଭବ କରିଛନ୍ତି । ଭଲ ମା' ହିଁ ଗୋଟିଏ ସୁପୁତ୍ର ସୃଷ୍ଟି କରିପାରିବ । ଆସନ୍ତୁ, ଆମେ ସମସ୍ତେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏହି ବାଣୀର ରହସ୍ୟକୁ ଅନୁଭବ କରିବା ସହିତ ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ପ୍ରୟାସ କରିବା ।

*ଅବସରପ୍ରାପ୍ତ ପୋଲିସ୍ ଅଫିସର୍, କଲ୍ୟାଣୀନଗର, କଟକ, ମୋ-୮୨୪୯୨୮୧୫୬୭*




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ଖରଗୋନରେ ପୋଲ ରେଲିଂ ଭାଙ୍ଗି ନଦୀରେ ପଡ଼ିଲା ବସ୍ : ତିନି ଶିଶୁଙ୍କ ସମେତ ୨୨ଜଣଙ୍କ ମୃତ୍ୟୁ

ଖରଗୋନ, (ପି.ଏନ): ମଧ୍ୟପ୍ରଦେଶର ଖରଗୋନ ଜିଲ୍ଲାରେ ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ବସ୍ ବୋରାଡ ନଦୀର ପୋଲର ରେଲିଂ ଭାଙ୍ଗି ୫୦ ଫୁଟ୍ ତଳକୁ ନଦୀରେ ଯାଇ ପଡ଼ିଛି। ଏହି ଦୁର୍ଘଟଣାରେ ବସ୍‌ରେ ଥିବା ୨୨ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ତିନି ଶିଶୁ, ନଅ ମହିଳା ଏବଂ ୧୦ ପୁରୁଷ ସାମିଲ ଅଛନ୍ତି। ଅନ୍ୟ ୩୦ ଯାତ୍ରୀ ଆହତ ହୋଇଛନ୍ତି, ଯେଉଁମାନଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତି କରାଯାଇଛି। ଏଥିରୁ ସାତ ଯାତ୍ରୀ ଗମ୍ଭୀର ରୂପେ ଆହତ ହୋଇଛନ୍ତି, ଯେଉଁମାନଙ୍କ ପ୍ରାଥମିକ ଉପଚାର ପରେ ଇନ୍ଦୋର ରେଫର କରାଯାଇଛି। ଗୃହମନ୍ତ୍ରୀ ନରୋତମ ମିଶ୍ର କହିଛନ୍ତି ଯେ ମାଜିଷ୍ଟ୍ରିୟଲ ଯାଂଚର ଆଦେଶ ଦିଆଯାଇଛି। ସୂଚନା ଅନୁଯାୟୀ ଖରଗୋନ ଜିଲ୍ଲାର ଗ୍ରାମ ଟାଂଡା ବରୁଡ଼ ପାଖରେ ଶ୍ରୀଖଣ୍ଡୀ ଗାଆଁରୁ ଇନ୍ଦୋର ଯାଉଥିବା ମା ଶାରଦା ଟ୍ରାଭେଲ୍‌ର ବସ୍‌ରେ ୫୦ରୁ ୬୦ ଲୋକ ସବାର ଥିଲେ। ବସ୍ ମଙ୍ଗଳବାର ସକାଳ ପ୍ରାୟ ୮.୩୦ରେ ଡୋଂଗରଗାଁଓ ଏବଂ ଦଂସଗା ମଧ୍ୟରେ ବୋରାଡ ନଦୀର ପୋଲରୁ ତଳକୁ ପଡ଼ିଯାଇଥିଲା। କୁହାଯାଉଛି ଯେ ବସ୍ ପୋଲର ବିପରୀତ ପାର୍ଶ୍ୱର ରେଲିଂ ଭାଙ୍ଗି ପାଖାପାଖି ୫୦ ଫୁଟ୍ ତଳକୁ ଯାଇ ପଡ଼ିଥିଲା। ଦୁର୍ଘଟଣାରେ ୨୨ ଲୋକଙ୍କ ମୃତ୍ୟୁ ହେବାର ସ୍ପଷ୍ଟ ହୋଇଥିଲାବେଳେ ୩୦ରୁ ଅଧିକ ଲୋକ ଆହତ କୁହାଯାଉଛି। ଆହତଙ୍କୁ ଡୋଂଗରଗାଁଓ ପ୍ରାଥମିକ ଉପଚାର ପରେ ଖରଗୋନ ଜିଲ୍ଲା ହସ୍ପିଟାଲରେ ଭର୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ତିନିଜଣ ଶିଶୁ ଏବଂ ଛଅ ଜଣ ମହିଳା ଏବଂ ଅନ୍ୟମାନେ ପୁରୁଷ ଥିଲେ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଂଟି ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱ୍ଲର କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି।

କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି।

ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଷଙ୍କକ୍ଷସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

### ବିଦେଶ ମନ୍ତ୍ରୀ ଜୟଶଙ୍କରଙ୍କ ସହ ସାକ୍ଷାତ କଲେ ଇଜରାଇଲ୍‌ର ବିଦେଶମନ୍ତ୍ରୀ କୋହେନ

ନୂଆଦିଲ୍ଲୀ,(ପି.ଏନ) ଇଜରାଇଲର ବିଦେଶ ମନ୍ତ୍ରୀ ଏଲୀ କୋହେନ ମଙ୍ଗଳବାର ଦିନ ବିଦେଶ ମନ୍ତ୍ରୀ ଡା. ଏସ୍ ଜୟଶଙ୍କରଙ୍କ ସହ ସାକ୍ଷାତ କରିଛନ୍ତି। ଇଜରାଇଲରେ ସୁରକ୍ଷା ସ୍ଥିତିକୁ ନେଇ କୋହେନ ନିଜ ତିନିଦିନିଆ ଭାରତ ଗସ୍ତକୁ ଛୋଟ କରିଦେଇଛନ୍ତି। ସେ ଆଜି ପ୍ରଧାନମନ୍ତ୍ରୀଙ୍କ ସହିତ ସାକ୍ଷାତ କରି ନିଜ ଦେଶକୁ ଫେରିଯିବେ। ବିଦେଶ ମନ୍ତ୍ରୀ ଏକ ଟ୍ୱୀଟ କରି କହିଛନ୍ତି ଯେ ମନ୍ତ୍ରୀ ଏଲୀ କୋହେନଙ୍କ ଭାରତରେ ସ୍ୱାଗତ କରାଯାଉଛି।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ



## କିମ୍ସରେ ବିଶ୍ୱ ଲୁପସ୍ ଦିବସ



ଭୁବନେଶ୍ୱର,(ପି.ଏନ): କିମ୍ସ-ଭୁବନେଶ୍ୱରରେ ବୁଧବାର ବିଶ୍ୱ ଲୁପସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କିମ୍ସ କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ର୍ୟୁମାଟୋଲୋଜି ବିଭାଗ ପକ୍ଷରୁ 'ସୁସ୍ଥ ଜୀବନ ପାଇଁ ଯୋଗ' ବିଷୟବସ୍ତୁ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗାଭ୍ୟାସ ଓ ପ୍ରାଣାୟମ ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରତିବର୍ଷ ମେ ୧୦ ତାରିଖରେ ବିଶ୍ୱ ଲୁପସ୍ ଦିବସ ବିଭିନ୍ନ ବିଷୟବସ୍ତୁକୁ ନେଇ ପାଳିତ ହୋଇଥାଏ। ଚଳିତବର୍ଷର ବିଷୟବସ୍ତୁ ଥିଲା 'ମେକ୍ ଲୁପସ୍ ଭିଜିବଲ'। ସମାଜରେ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଲୁପସ୍ ରୋଗୀମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସୁଦୃଢ଼ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। 'ଲୁପସ୍' ରୋଗ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତି ମଣିଷକୁ ସୁରକ୍ଷା ଦେବା ପରିବର୍ତ୍ତେ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ କ୍ଷତି ପହଞ୍ଚାଇଥାଏ। ଏହା ଚର୍ମଠାରୁ ଆରମ୍ଭ କରି ବୃକ୍କ, ମସ୍ତିଷ୍କ, ସ୍ନାୟୁ, ଅନ୍ତଃନଳୀ ଓ ହୃତପିଣ୍ଡ ଆଦିକୁ ପ୍ରଭାବିତ କରି ବିଭିନ୍ନ ଅଙ୍ଗକୁ ଅଚଳ କରିବାର ସମ୍ଭାବନା ଥାଏ। ଏହି ଅବସରରେ କିମ୍ସ କ୍ଲିନିକାଲ ଇମ୍ୟୁନୋଲୋଜି ଏବଂ ର୍ୟୁମାଟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ରାମନାଥ ମିଶ୍ର କହିଲେ, ଲୁପସ୍ ଓ ଅନ୍ୟାନ୍ୟ ସ୍ୱପ୍ରତିରୋଧୀ ରୋଗର ବିଭିନ୍ନ ରୋଗୀଙ୍କ କ୍ଷେତ୍ରରେ ଅଲଗା ଅଲଗା ଚିକିତ୍ସା ହୋଇଥାଏ। ତେବେ ଡାକ୍ତରଙ୍କ ଉପରେ ଭରସା ଓ ବିଶ୍ୱାସ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। କିମ୍ସର ବିଶିଷ୍ଟ ର୍ୟୁମାଟୋଲୋଜିଷ୍ଟ ଡା. ପ୍ରଶାନ୍ତ ପଧାନ ଲୁପସ୍ ରୋଗ ନେଇ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏ କ୍ଷେତ୍ରରେ ରୋଗୀମାନେ ନିଜେ ନିଜର ଚିକିତ୍ସା ନିଷ୍ପତ୍ତି ନ ନେଇ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ ବୋଲି ସେ କହିଥିଲେ। କୌଣସି ପୁରାତନ ରୋଗ ଥିଲେ ରୋଗୀ ବିନା ଦ୍ୱିଧାରେ ଡାକ୍ତରଙ୍କ ସହ ରୋଗ ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିବାକୁ କିମ୍ସ ସହକାରୀ ପ୍ରଫେସର ସକିର ଅହମ୍ମଦ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କେତେକ ଲୁପସ୍ ରୋଗୀ କିମ୍ସରେ ସେମାନଙ୍କ ସଫଳ ଚିକିତ୍ସା ନେଇ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମ୍ସ ସହକାରୀ ପ୍ରଫେସର ଦେବାଶିଷ ମଇକାପ ଓ ସ୍ନାତକୋତ୍ତର ରେସିଡେଣ୍ଟ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କୁ ନାରଦ ସମ୍ମାନ ପ୍ରଦାନ

ଭଦ୍ରକ, (ପି.ଏନ): ବିଶ୍ୱ ସମ୍ବାଦ କେନ୍ଦ୍ର ଆନୁକୂଲ୍ୟରେ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଯଶସ୍ୱୀ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କୁ ସମ୍ମାନଜନକ ଚଳିତ ବର୍ଷର 'ନାରଦ ସମ୍ମାନ' ପ୍ରଦାନ କରାଯାଇଛି। ପ୍ରତି ବର୍ଷ ନାରଦ ଜୟନ୍ତୀ ଅବସରରେ ଗଣମାଧ୍ୟମ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ମହର୍ଷି ନାରଦ ହେଉଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ଗଣମାଧ୍ୟମ କ୍ଷେତ୍ରର ଆଦି ପୁରୁଷ। ଯେମିତି ପ୍ରଭୁ ବିଶ୍ୱକର୍ମା ହେଉଛନ୍ତି ସମସ୍ତ ଶିଳ୍ପୀକୁଳର ଆରାଧ୍ୟ, ସେହି ମର୍ମରେ ଦେବର୍ଷି ନାରଦ ହେଉଛନ୍ତି ଗଣମାଧ୍ୟମର ଇଷ୍ଟ ଦେବତା। ସମଗ୍ର ବ୍ରହ୍ମାଣ୍ଡର ମଙ୍ଗଳ ନିମନ୍ତେ ସେ କାର୍ଯ୍ୟ କରୁଥିଲେ ଏବଂ ସେହି ଆଦର୍ଶରେ ଏହି ସମ୍ମାନ ପ୍ରତିଷ୍ଠିତ। ବରିଷ୍ଠ ସ୍ତମ୍ଭକାର ନିରଂଜନ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଓଡିଆ ସାରସ୍ୱତ ଜଗତର ଅଗ୍ରଣୀ ସାଧକ ମୁଖ୍ୟ ଅତିଥି ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କୁ ଉପଢ଼ୌକନ, ମାନପତ୍ର, ନାରିକେଳ ଏବଂ ସମ୍ମାନସୂଚକ ଦଶ ହଜାର ମୁଦ୍ରା ପ୍ରଦାନ କରି ସମ୍ମାନିତ କରିଥିଲେ।

## ଯୋଜନା ନାଁରେ ହରିଲୁଟ, ବିଧାୟକଙ୍କ ପାଣ୍ଠିରୁ ୧ ଲକ୍ଷ ଟଙ୍କା ହଡପ ଅଭିଯୋଗରେ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଭଦ୍ରକ, (ପି.ଏନ): ଗ୍ରାମା ଳର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି। ତେବେ ଏହି ଜନକଲ୍ୟାଣକାରୀ ଯୋଜନା ନାରେ ହରିଲୁଟ ଚାଲିଛି। ଏହି ହରିଲୁଟର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ବ୍ଲକ୍ ଅନ୍ତର୍ଗତ କେଦାରପୁର ଗ୍ରାମପ ।ୟତରେ। ଏହି ପଂଚାୟତ ଅଧୀନସ୍ଥ ଦଶ ଘରିଆ ଠାରେ ଲୋକଙ୍କ ଦ୍ୱାରା ନିର୍ମିତ ହନୁମାନ ମନ୍ଦିରକୁ ହନୁମାନ କମ୍ୟୁନିଟି ସେ ର ଭାବେ ଦର୍ଶାଇ ବିଧାୟକ ପାଣ୍ଠିରୁ ୧ ଲକ୍ଷ ଟଙ୍କା ହଡପ କରାଯାଇଥିବା ସଂପର୍କରେ ଗ୍ରାମବାସୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି ଯେ ୩ ବର୍ଷ ପୂର୍ବରୁ ଗାଁ ଲୋକଙ୍କ ବ୍ୟକ୍ତିଗତ ଅର୍ଥଦାନରେ ଏଠାରେ ହନୁମାନ ମୂର୍ତ୍ତି ସହ ଏକ ମନ୍ଦିର ନିର୍ମାଣ କରାଯାଇଥିଲା। ପରବ ର୍ତ୍ତୀ ସମୟରେ ସୂଚନା ଅଧିକାର ଆଇନ୍ ମାଧ୍ୟମରେ ଗ୍ରାମବାସୀମାନେ ଜାଣିବାକୁ ପାଇଲେ ଯେ ଏହି ପଂଚାୟତର ପୂର୍ବତନ ସରପ ଭଦ୍ରକ ବିଧାୟକ ପାଣ୍ଠିରୁ ୧ ଲକ୍ଷ ଟଙ୍କା ମଂଜୁର କରାଇ ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ ଏହି ହନୁମାନ ମନ୍ଦିରଟିକୁ ହନୁମାନ କମ୍ୟୁନିଟି ସେ ର ଦର୍ଶାଇ ସଂପୂର୍ଣ୍ଣ ବିଲ୍ ଉଠାଇ ନେଇଛନ୍ତି। ଏହି ୧ ଲକ୍ଷ ଟଙ୍କାକୁ ପ ।ୟତ ସମିତିର ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସରକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ଉଠାଣ କରି ହଡପ କରିଥିବାର ଅଭିଯୋଗ କରିଛନ୍ତି। ପଂଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିଲା। ଅନ୍ୟପକ୍ଷରେ ଏହି କାର୍ଯ୍ୟ ପାଇଁ ବରହମପୁର ରାଜସ୍ୱ ନିରୀକ୍ଷକ (ଆର.ଆଇ.) ଯେଉଁ ଜମିରେ ଫିଜିବିଲିଟ୍ ରିପୋର୍ଟ ଦେଇଥିଲେ, ସେହି ଜମିରେ ଦଶଘରିଆ ହନୁମାନ କମ୍ୟୁନିଟି ସେ ର ନାହିଁ। ପ୍ରକାଶଯୋଗ୍ୟ ଗ୍ରାମବାସୀମାନେ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ଏହି କାର୍ଯ୍ୟର ସଂପୂର୍ଣ୍ଣ ତଥ୍ୟାବଳୀ ମଧ୍ୟ ଦିଆଯାଇଛି। ଏହି ହଡପ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ବିଧାୟକଙ୍କ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଚଲୁ କରିଥିବା ବ୍ୟକ୍ତିବିଶେଷମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀମାନଙ୍କ ତରଫରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଶ୍ରୀନଗର ସମେତ ଜମ୍ମୁ ଓ କାଶ୍ମୀରର ୧୫ ସ୍ଥାନରେ ଏନଆଇଏର ଚଢ଼ଉ

ଶ୍ରୀନଗର, (ପି.ଏନ); ଆତଙ୍କବାଦ ସମ୍ବନ୍ଧିତ ଏକ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଶ୍ରୀନଗର ସମେତ ଜମ୍ମୁ ଓ କାଶ୍ମୀରର ୧୫ଟି ସ୍ଥାନରେ ଚଢ଼ଉ କରିଛି। ଚଢ଼ଉ ଜାରୀ ରହିଛି। ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ପ୍ରକାରେ, ଏନଆଇଏର ଅଧିକାରୀ ମାନେ ଜମ୍ମୁ କାଶ୍ମୀର ପୋଲିସ ଏବଂ ସିଆରପିଏଫର ସହାୟତାରେ ଜମ୍ମୁ - କାଶ୍ମୀରର ଶ୍ରୀନଗର, ସୋପିୟାଁ, କୁଲଗାମ, ବଡ଼ଗାମ, ବାରାମୁଲା, ଅନନ୍ତନାଗ, ପୁଂଛ, ଏବଂ ରାଜୌରୀ ଜିଲ୍ଲାରେ ଚଢ଼ଉ କରିଛନ୍ତି। ଜଣେ ଅଧିକାରୀ ଏନେଇ ଅଧିକାରୀ ସୂଚନା ଦେବା ସହ କହିଛନ୍ତି ଯେ, ଏହି ତଲାସୀ ଅଭିଯାନ ପାକିସ୍ତାନୀ କମାଣ୍ଡର, ସଂଚାଳକ ମାନଙ୍କ ଇସାରାରେ ବିଭିନ୍ନ ଛଦ୍ମ ନାମରେ ସଂଚାଳିତ ଆତଙ୍କୀ ସମୂହ ଦ୍ୱାରା ସଂଗଠିତ ଅପରାଧିକ ମାମଲା ସମ୍ବନ୍ଧିତ ଅଟେ।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟିର 'ଦିଶା' ବୈଠକ



ମାଲକାନଗିରି ଓଡା,(ପି.ଏନ): କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ ହିତକାରୀ ଯୋଜନାଗୁଡ଼ିକର ସମୟୋଚିତ ସଫଳତା ପାଇଁ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟିର 'ଦିଶା' ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାନ୍ୟବର ସାଂସଦ ରମେଶ ଚନ୍ଦ୍ର ମାଝୀ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦର ଅଧକ୍ଷ ଶ୍ରୀମତୀ ସମାରୀ ଟାଙ୍ଗୁଲ, ବିଧାୟକ ମାଲକାନଗିରି ଆଦିତ୍ୟ ମାଢି, ବିଧାୟକ ଚିତ୍ରକୋଣ୍ଡା ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲାପାଳ ବିଶାଲ ସିଂ, ମାଲକାନଗିରି ପୌର ପରିଷଦର ଅଧକ୍ଷ ମନୋଜ ବାରିକ, ବିଜ୍ଞାପିତ ଅଞ୍ଚଳ ପରିଷଦ ବାଲିମେଳା ଅଧକ୍ଷ ପ୍ରଦୀପ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳଭଦ୍ର ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମାନ୍ୟବର ସାଂସଦ ଶ୍ରୀ ମାଝୀ ଜିଲ୍ଲାର ସାମଗ୍ରିକ ବିକାଶ ନିମନ୍ତେ ଜନସାଧାରଣଙ୍କ ଠାରୁ ବାସ୍ତବିକ ସମସ୍ୟା ସମ୍ପର୍କରେ ଅବଗତ ହୋଇ ମିଳିମିଶି କାମ କରିବା ସହ ସମୟ ସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମାପନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଦିଶା କମିଟିର ସମସ୍ତ ସଦସ୍ୟ କ୍ଷେତ୍ର ଗସ୍ତ କରି ସମସ୍ୟାର ସମାଧାନ କରିବା ନିମନ୍ତେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ସେ ଜିଲ୍ଲାର ରେଳ ପ୍ରକଳ୍ପର ଅଗ୍ରଗତି ବିଷୟରେ ସମୀକ୍ଷା କରି ସମସ୍ତ ପ୍ରକଳ୍ପ ସହ ଜଡ଼ିତ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଅଗ୍ରାଧିକାର ଭିତ୍ତିରେ ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ୨୦୨୭ ସୁଦ୍ଧା ଜିଲ୍ଲାରେ ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ଏଠାରେ ସୂଚନା ଦିଆଯାଇଛି। ସେହିପରି ଜିଲ୍ଲାରେ ୧୨୮ଟି ଜିଓ ମୋବାଇଲ ଟାୱାର ମଞ୍ଜୁର ହୋଇଥିବା ବେଳେ ୮୫ଟି ଟାୱାର ସ୍ଥାପନ ହୋଇସାରିଛି। ସେହିପରି ବିଏସଏନଏଲର ୫୧ ଟି ଟାୱାର ମଞ୍ଜୁର ହୋଇଥିବା ଏଠାରେ ଜଣାଯାଇଛି। ପ୍ରତ୍ୟେକ ସେତୁ ନିର୍ମାଣର ସଂପୂର୍ଣ୍ଣ ସମୟସୀମା ଜିଲ୍ଲାପାଳଙ୍କୁ ଅବଗତ କରାଇବେ ବୋଲି ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ଜିଲ୍ଲାପାଳ ଶ୍ରୀ ସିଂ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଜିଲ୍ଲାରେ ନିର୍ମାଣାଧୀନ ବିମାନ ବନ୍ଦର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ମଧ୍ୟ ବୈଠକରେ କୁହାଯାଇଛି। ଆଗାମୀ ମୌସୁମୀର ଆଗମନ ପୂର୍ବରୁ ନଷ୍ଟ ହୋଇଯାଇଥିବା ସମସ୍ତ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ସଂଯୋଗିକରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧିନରେ ୮୭ ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ୮୦ ଟି ଅମୃତ ସରୋବର ନିର୍ମାଣ ହୋଇପାରିଛି। ଏହି ଅବସରରେ ମାନ୍ୟବର ବିଧାୟକ ଶ୍ରୀବାକା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଖେଳ ପଡିଆ ତିଆରି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ତତ୍ ସହିତ ସ୍ୱାଭିମାନ ଅଞ୍ଚଳରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ମୌସୁମୀ ଆଗମନ ପୂର୍ବରୁ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଜୀବିକା ମିଶନ ଅଧିନରେ ଜିଲ୍ଲାରେ ୧୧୧ଟି ଜିପିଏଲଏଫ, ୮୫୧୪ ଟି ଏସଏଚ୍‌ଜି, ୮୫୪ ସିଏଲଏଫ, ୯୪ ଏମବିକେ, ୪୨ ବ୍ୟାଙ୍କ୍ ମିତ୍ର, ୭୫୬ ସିଆରପି ସିଏମ୍, ୨୪୭ କୃଷି ମିତ୍ର ଓ ୧୭୬ ପ୍ରାଣୀ ମିତ୍ର ଥିବା ସୂଚନା ଦିଆଯାଇଛି। ବହୁତ ଶୀଘ୍ର ଜିଲ୍ଲାରେ ନୂତନ ଡାକ୍ତର ମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି। ଜିଲ୍ଲାରେ ଡାକ୍ତରଙ୍କ ଆବଶ୍ୟକତାକୁ ଉପଲବ୍ଧ କରି ସ୍ୱତନ୍ତ୍ର ଭାବେ ମାଲକାନଗିରି ଜିଲ୍ଲା ପାଇଁ ଡାକ୍ତର ପଦବୀ ସଂରକ୍ଷଣ କରି ନିଯୁକ୍ତି ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇବେ ବୋଲି ଜିଲ୍ଲାପାଳ ଶ୍ରୀ ସିଂ କହିଛନ୍ତି। ୨୦୨୨-୨୩ ଶିକ୍ଷା ବର୍ଷ ପାଇଁ ୭୨ ଟି ନୂତନ ଶ୍ରେଣୀ ଗୃହ ନିର୍ମାଣ କରାଯାଇଛି ଓ ୭ ଟି ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ସମସ୍ତ ବ୍ଲକ ର ଅଧକ୍ଷ, ଏନଜିଓ ପ୍ରତିନିଧି, ଏସଟି ଏସସି ସଦସ୍ୟ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ରବୀନ୍ଦ୍ର ଜୟନ୍ତୀ ଆମେରିକା ପହଞ୍ଚିଲା



କଲିକତା,(ପି.ଏନ): ରବିବାର ସଂଧ୍ୟାରେ ବାଲିସାହି, ପୂର୍ବ ମେଦିନୀପୁର, ପଶ୍ଚିମ ବଙ୍ଗର ଶ୍ରେୟଶୀ ସାହିତ୍ୟ ପରିବାରର ବଳିଷ୍ଠ ଉଦ୍ୟମରେ କବିଗୁରୁ ରବୀନ୍ଦ୍ର ନାଥ ଠାକୁରଙ୍କ ଜୟନ୍ତୀ ଉପଲକ୍ଷେ ଏକ ବହୁଭାଷୀ ସାହିତ୍ୟ ଆସର ଅନଲାଇନରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସୁରେନ କୁମାର ମହପାତ୍ରଙ୍କ ମାଙ୍ଗଳିକ ମନ୍ତ୍ର ପାଠ ସହିତ ଏଇ ଅନୁଷ୍ଠାନର ସୂଚନା ହୋଇଥିଲା। ବାଂଲା ଦେଶରୁ ରାନା ଜାମାନ ଓ ଆମେରିକାରୁ ଓଡ଼ିଆ ମାଟିର ଚନ୍ଦ୍ରା ମିଶ୍ର ଯୋଗଦାନ କରି ସଭିଙ୍କ ମନ ଜୟ କରି ନେଇ ଥିଲେ। ମଇନା କଲେଜର ସଂସ୍କୃତ ଅଧ୍ୟାପକ ଡ଼ଃ ଗଗନ ଚନ୍ଦ୍ର ଦେଙ୍କ ସଂସ୍କୃତ ଭାଷାରେ ରଚିତ କବିତା ରବୀନ୍ଦ୍ର ନାଥଙ୍କ ପାଇଁ ଥିଲା ଶ୍ରେୟ ଶ୍ରଦ୍ଧାଞ୍ଜଳି। ସମ୍ପ୍ରିତି ମାଇତି ରବୀନ୍ଦ୍ର ସଙ୍ଗୀତ ପରିବେଷଣ କରିଥିଲେ। ଗୌତମ ପ୍ରମାନିକଙ୍କ ପଠିତ ଅନୁସନ୍ଧାନ ମୂଳକ ରବୀନ୍ଦ୍ର ନାଥଙ୍କ ଦୁଇ ବଙ୍ଗ ପ୍ରଭାବ କେନ୍ଦ୍ରିକ ପ୍ରବନ୍ଧ ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲା। ଏହି ଆସରର ଶେଷ ସୋପାନରେ ଓଡ଼ିଆ, ବଙ୍ଗଳା, ହୀନ୍ଦୀ, ଗୁଜରାଟୀ ଏବଂ ଇଂରାଜୀ ଭାଷାରେ ଲିଖିତ ସ୍ୱରଚିତ କବିତାମାନ ପାଠ କରାଯାଇଥିଲା ଏବଂ କବିତା ଆସର ସଫଳତାର ଶୀର୍ଷକୁ ଛୁଇଁ ପାରିଥିଲା। ଏହି ଆସରରେ ଶୋଭା ବର୍ଦ୍ଧନ କରିଥିଲେ ଗୁଜୁରାଟରୁ ରଜତ ସନ୍ୟାଲ, ରାନୁ ମୁଖାର୍ଜୀ, ଇନ୍ଦ୍ରାଣୀ ନାଗ, ଛତିଶଗଡ଼ରୁ ଗୋବିନ୍ଦ ପାଳ। ଦକ୍ଷିଣ ଚବିଶ ପ୍ରଗଣାର ଖୁଦୀ ରାମ ନସ୍କର, ରାମନଗର ର ପ୍ରଣବ ଭଟ୍ଟାଚାରିୟା, ଅଜିତ ଜାନାଙ୍କ ବଂଗଳା କବିତା, ଫିରୋଜ କୁମାର ପଟେଲଙ୍କ ସମ୍ବଲପୁରୀ କବିତା, ଦେବଯାନି ରାୟଙ୍କ କବିତା ପାଠ ମନକୁ ଛୁଇଁ ପାରିଥିଲା। ଅନ୍ୟ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ସୁଶାନ୍ତ କୁମାର ସାହୁ, ଡ଼ଃ ଅଲୋକ ନାଥ ମିଶ୍ର, ପ୍ରଦୀପ କୁମାର ଜାନା, ସୌମେନ କର ପ୍ରମୁଖ। ପ୍ରିୟ ରଞ୍ଜନ ଦାସଙ୍କ କବିତା ସଙ୍କଳନ 'ତମିସ୍ରା', ଗୋବିନ୍ଦ ପାଳଙ୍କ ୧୧୦ଟି ଗଜଲର ଅନୁବାଦ 'ମନ କବିର', ସୁଭାଷ ଗିରିଙ୍କ ବଂଗଳା କବିତା ସଙ୍କଳନ 'ଖୋଲା ଚୋଖେ ଖୋଲା ମୋନେ', ବୋରୋଡାର କବି ରଜତ ସନ୍ୟାଲଙ୍କ ୮୬ଟା ହିନ୍ଦି କବିତାର ସଙ୍କଳନ 'ସୁରୁ ହୁଇ ଏକ ମହା ଯାତ୍ରା' ଏବଂ ତପନ କୁମାର ରଞ୍ଜିତଙ୍କ ଲିଖିତ ଭୋଗରାଇ, ଦୀଘା ଓ ରାମନଗରର ଇତିହାସ 'ବିରକୁଲେ ବିର ଗାଥା' ପୁସ୍ତକ ଏଇ ଅନୁଷ୍ଠାନରେ ଉନ୍ମୋଚିତ ହୋଇଥିଲା। ଦୁଇ ଘଣ୍ଟାର ଆସର ପରିସମାପ୍ତି ହୋଇ ଥିଲା ଇନ୍ଦ୍ରାଣୀ ନାଗଙ୍କ ମଧୁର ସଙ୍ଗୀତ ମାଧ୍ୟମରେ। ଆଗାମୀ ଦିନରେ ଏଇ ଭଳି ଅନୁଷ୍ଠାନ ବହୁ ଜନ ସମାଦୃତ ହୋଇ ପାରିବା କଥା ବିଶିଷ୍ଟ ଲେଖକ ଓ ଯୋଗଗୁରୁ ସନାତନ ମହାକୁଡ଼, ନୈକ 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦିକା ସୈରିନ୍ଦ୍ରି ସାହୁ, ସୁକୁମାର ମିଶ୍ର, ବାଞ୍ଛା ନିଧି ସୁଁଇ, ପଦ୍ମ ଲୋଚନ କରଣ ପରି ସାହିତ୍ୟଅନୁରାଗୀ ମାନେ ମତ ପ୍ରକାଶ କରିଥିଲେ। ସମଗ୍ର ଅନୁଷ୍ଠାନ ପରିଚାଳନା କରିଥିଲେ ସଂପାଦକ ବରୁଣ କୁମାର୍ ଦାସ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray